# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ଏକାଦଶ ବର୍ଷ | ତୃତୀୟ ସଂଖ୍ୟା | ଜୁଲାଇ ୨୦୧୪



**ଉପଦେଷ୍ଟା ମଣ୍ଡଳୀ**
ଗଜେନ୍ଦ୍ର ନାଥ ମହାନ୍ତି
ରବିନାରାୟଣ ମଲ୍ଲିକ୍
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
ନୃସିଂହ ଚରଣ ପଣ୍ଡା

●

**ସମ୍ପାଦନା ମଣ୍ଡଳୀ**
ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସୁନାକର ଶତପଥୀ
କୃଷ୍ଣଚନ୍ଦ୍ର ବେହେରା
ଅଭୟ କୁମାର ଦାସ

●

**ସଂପାଦକ**
ସନ୍ତୋଷ କୁମାର ମହାପାତ୍ର

●

**ପରିଚାଳକ**
ସଚ୍ଚିଦାନନ୍ଦ ବେହେରା

●

**ସହକାରୀ ପରିଚାଳକ**
ପ୍ରଭାତ କୁମାର ବେହେରା

●

ଯୋଗାଯୋଗ
ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


**ଏହି ସଂଖ୍ୟାରେ...**


- କେବଳ ଏକ ସଙ୍ଗଠନ
- ଅସମୟର ଚାଲେଞ୍ଜ୍
- ସଂଗ୍ରାମ ହି ଏକମାତ୍ର...
- ବାମପନ୍ଥୀ ଦଳ ପାଇଁ..
- ଅବଶେଷେ
- ବିଜ୍ଞାପନ ଭେଳିକିର
- ମଜୁରୀ ସଂଶୋଧନ
- ସଂଗ୍ରାମର ମଇଦାନକୁ
- AIIEAର ସମ୍ପାଦକ ମଣ୍ଡଳୀ
- ଧର୍ମ କେବଳ ପର ପାଇଁ
- ଘରୋଇ ହିଂସା
- ରାଷ୍ଟ୍ରାୟତ୍ତ ବୀମାଶିଳ୍ପର


*ସଂପାଦକୀୟ.........................*

## କେବଳ ଏକ ସଙ୍ଗଠନ ନୁହେଁ, ଆମ ଜୀବନର ଧାରା

ଜୁଲାଇ ପହିଲା ଆମ ପ୍ରିୟ ସଙ୍ଗଠନ ନିଖିଳ ଭାରତ ବୀମା କର୍ମଚାରୀ ସଂଘ (AIIEA)ର ଜନ୍ମ ଦିନ ବା ପ୍ରତିଷ୍ଠା ଦିବସ । 'ବୀମା କର୍ମଚାରୀ'ର ଏହି ସଂଖ୍ୟା ଆପଣମାନଙ୍କ ନିକଟରେ ପହଞ୍ଚିଲା ବେଳକୁ ଆମେ AIIEAର ୬୪ ତମ ଜନ୍ମ ଦିନ ପାଳନ କରିସାରିଥିବା । ଭାରତ ବର୍ଷରେ ଅନେକ ଶ୍ରମିକ ସଙ୍ଗଠନ ରହିଛି । କିନ୍ତୁ AIIEAର କିଛି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି ଯାହା ଏହାକୁ ଏକ ମହାନ ସଙ୍ଗଠନର ରୂପ ଦେଇପାରିଛି । **ଏହା କେବଳ ଏକ ସଙ୍ଗଠନ ନୁହେଁ ଆମ ଜୀବନର ଗତି ଓ ଧାରା । ଭଲ ମଣିଷ ଭାବେ ଗଢ଼ିବାର ଏକ ଶିକ୍ଷାନୁଷ୍ଠାନ । ଏହାର ଧର୍ମ ହେଉଛି ମାନବିକତା, ଅନ୍ୟକୁ ଭଲ ପାଇବା ବା ଅନ୍ୟପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଓ ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରିବା ।**

AIIEA ତା'ର କାର୍ଯ୍ୟଧାରାକୁ କର୍ମଚାରୀମାନଙ୍କର ବିଭିନ୍ନ ଦାବିଦୁବା ହାସଲ କରିବା ତଥା ଏକ ଉନ୍ନତ ମଜୁରୀ ବୃଦ୍ଧି ଆଦାୟ କରିବାରେ ସୀମିତ ରଖି ନାହିଁ । ଦେଶର ଏକତା ଅଖଣ୍ଡତା ତଥା ସାର୍ବଭୌମତ୍ତ୍ୱ କିପରି ବଜାୟ ରହିବ ଏବଂ ବିଭିନ୍ନ ରାଷ୍ଟ୍ରାୟତ୍ତ ଶିଳ୍ପର ସୁରକ୍ଷା ସାଙ୍ଗକୁ ସାଧାରଣ ଜନତା ଗରିବ, ଚାଷୀ, ମୂଲିଆ ତଥା ଶ୍ରମିକ ଶ୍ରେଣୀର ଉନ୍ନତି ସର୍ବୋପରି ଦେଶର ପ୍ରଗତି ଅଭିବୃଦ୍ଧି ପାଇଁ ଅବିରତ ସଂଗ୍ରାମ ମଧ୍ୟ ଜାରିରଖିଛି । କେବଳ ସେତିକି ନୁହେଁ ରାଷ୍ଟ୍ରାୟତ୍ତ ବୀମା ଶିଳ୍ପରେ କାର୍ଯ୍ୟ କରିବା ପାଇଁ କିପରି ଏକ ସୁସ୍ଥ, ସୁନ୍ଦର ପରିବେଶ ସୃଷ୍ଟି ହୋଇ ପାରିବ କର୍ମଚାରୀମାନେ ନିଷ୍ଠା ଓ ସାଧୁତା ତଥା ଆତ୍ମ ସ୍ୱାଭିମାନ ସହିତ କାର୍ଯ୍ୟ କରିପାରିବେ ବିଶେଷ କରି ମହିଳା କର୍ମଚାରୀମାନେ ଯେପରି ଆତ୍ମ ମର୍ଯ୍ୟାଦା ସହିତ କାମ କରିପାରିବେ ତାହା ପ୍ରତି AIIEA ଗୁରୁତ୍ୱ ଦେଇ ଆସିଛି । ଆଜି ଯଦି ଏଲ୍.ଆଇ.ସି. ଓ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ସଂସ୍ଥା ଦେଶୀ ବିଦେଶୀ କମ୍ପାନୀଙ୍କ ତୀବ୍ର ପ୍ରତିଯୋଗିତା ସାଙ୍ଗକୁ ସରକାରଙ୍କ ରାଷ୍ଟ୍ରାୟତ୍ତ ଶିଳ୍ପ ବିରୋଧୀ ନୀତି ସତ୍ତ୍ୱେ ଅଭୂତପୂର୍ବ ସାଫଲ୍ୟ ହାସଲ କରିବା ସହିତ ରାଷ୍ଟ୍ରାୟତ୍ତ ଚରିତ୍ର ବା ଜନମଙ୍ଗଳ ଚରିତ୍ରକୁ ଅକ୍ଷୁର୍ଣ୍ଣ ରଖିଥାଏ, ସେଥିରେ AIIEAର ଅବଦାନ ସର୍ବଦା ଅନସ୍ୱୀକାର୍ଯ୍ୟ ।

**AIIEAର ମହାନ ଆଦର୍ଶ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆନେକ ମେଧାବୀ ବିଦ୍ୱାନ ତଥା ଦକ୍ଷ କର୍ମଚାରୀ ସଙ୍ଗଠନକୁ ଆହୁରି ଆଗେଇ ନେବା ତଥା ଗୁଣଗତଭାବେ ବିକାଶ ଘଟାଇବା ପାଇଁ ସଙ୍ଗଠନକୁ ନିଜ ଜୀବନର ଗତି ଭାବେ ଧରି ନେଇଛନ୍ତି ।** ଯାହାଫଳରେ ସଙ୍ଗଠନ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେବା ସହିତ ଏହାର ଗୁଣଗତ ବିକାଶ ଘଟୁଛି ଏବଂ ଏହାର ଅନେକ ସଭ୍ୟ ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ବାସ୍ତବରେ ପୃଥିବୀରେ ଏପରି ସଙ୍ଗଠନ ବିରଳ ।

କିନ୍ତୁ ଆମେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଉପନୀତ ହୋଇଛେ । ''ଆଛେଦିନ ଆନେ ୱାଲା ହାଏ'' ଶ୍ଳୋଗାନ୍ ତଥା ପ୍ରବଳ ପ୍ରଚାର ମାଧ୍ୟମରେ କ୍ଷମତାକୁ ଆସିବାର ମାସକ ମଧ୍ୟରେ ବିଜେପି ସରକାରର ଜନବିରୋଧୀ ଚରିତ୍ରକୁ ଦେଖିବାକୁ ମିଳିଲାଣି । ଏହି ସରକାର କଂଗ୍ରେସଠାରୁ ଆଉ ଦୁଇପାଦ ଆଗକୁ ଯାଇ ଉଦାରୀକରଣ ନୀତି ତଥା ଘରୋଇକରଣ ନୀତିକୁ ଅଧିକ ତିବ୍ରତର କରିବାକୁ ଯାଉଛି । ମୋଦି ତଥା ଭାଜପାଙ୍କ ବିଜୟ ପଛରେ କର୍ପୋରେଟ୍ ଜଗତର ଅର୍ଥ ବିନିଯୋଗ, ସେମାନଙ୍କ ନିୟନ୍ତ୍ରିତ ଗଣମାଧ୍ୟମରେ ଅହରହ ପ୍ରଚାର ତଥା ଆମେରିକାର ''ଆପକୋ ୱାଲର୍ଡ଼ ୱାଇଡ୍'' କମ୍ପାନୀର ପ୍ରଚାରର ମୁଖ୍ୟଭୂମିକା ରହିଛି । ଏଣୁ ମୋଦି ବର୍ତ୍ତମାନ କ୍ଷମତାକୁ ଆସିଲା ପରେ ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ନ ଦେଇ କର୍ପୋରେଟ୍ ଜଗତର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ସହିତ ତାଙ୍କ ନିର୍ଦ୍ଦେଶରେ ସିଦ୍ଧାନ୍ତ ନେଉଛନ୍ତି । ସେ କଂଗ୍ରେସ ସ୍କାମ ଇଣ୍ଡିଆକୁ କର୍ପୋରେଟ୍ ଇଣ୍ଡିଆକୁ ରୂପାନ୍ତରିତ କରିବାକୁ ଚାହୁଁଛନ୍ତି । ଯାହାଫଳରେ ଧନୀକ ଶ୍ରେଣୀ, ପୁଞ୍ଜିପତି ତଥା ଶିଳ୍ପପତିଙ୍କ ପାଇଁ କଠୋର ସିଦ୍ଧାନ୍ତ ନ ନେଇ ଗରିବ ଓ ସାଧାରଣ ଜନତାଙ୍କ ସ୍ୱାର୍ଥ ହାନି କଲା ପରି କଠୋର ସିଦ୍ଧାନ୍ତ ନେଇଛନ୍ତି । ଫଳସ୍ୱରୂପ ରେଳଯାତ୍ରୀ ଭଡ଼ା ମାଲପରିବହନ ଭଡ଼ାର ଅହେତୁକ ବୃଦ୍ଧି ସାଙ୍ଗକୁ ପେଟ୍ରୋଲ୍, ଡିଜେଲ୍ ଦର ବୃଦ୍ଧି କରାଯାଇଛି । ଯାହା ଫଳରେ ମୁଦ୍ରାସ୍ଫୀତି ଅଧିକ ବୃଦ୍ଧି ପାଇବା ସହିତ ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ ବୃଦ୍ଧି ପାଇବ ଏବଂ ସାଧାରଣ ଜନତାଙ୍କ ଜୀବନ ଧାରଣର ମାନହ୍ରାସ ପାଇବ ।

ବର୍ତ୍ତମାନ ଆମ ଶିଳ୍ପ ତଥା ଚାକିରି ପ୍ରତି ଅଧିକ ବିପଦ ସୃଷ୍ଟି ହୋଇଛି । ବ୍ୟାଙ୍କରେ ସରକାରୀ ଅଂଶଧନ ୫୦% କୁ ହ୍ରାସ କରିବା ପାଇଁ ପି.କେ. ନାୟକ କମିଟ୍ ସୁପାରିଶ କରିଛି । ଯାହାର ମୁଖ୍ୟ ଲକ୍ଷ୍ୟ ବ୍ୟାଙ୍କର ଘରୋଇ କରଣ । ନିକଟରେ କୋଟକ ମହିନ୍ଦ୍ର ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଉଦୟ କୋର୍ଟକ ଏଲ୍.ଆଇ.ସି.ର ଅଂଶଧନ ବିକ୍ରି କରି ପ୍ରଚୁର ସମ୍ବଳ ସଂଗ୍ରହ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଏହାଦ୍ୱାରା କୁଆଡ଼େ ଏଲ୍.ଆଇ.ସି.ର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ବୋଲି ପ୍ରଚାର କରାଯାଇଛି । **ଯଦି ପୁଞ୍ଜି ପ୍ରତ୍ୟାହାର ବା ଘରୋଇକରଣ ଦ୍ୱାରା ଏକ ଶିଳ୍ପର ଦକ୍ଷତା ବୃଦ୍ଧି ପାଇବ ତେବେ ଆମେରିକାରେ ଗୋଟିକ ପରେ ଗୋଟିଏ କମ୍ପାନୀ କାହିଁକି ଭୁଷୁଡ଼ି ପଡୁଛି ?** କେବଳ ସେତିକି ନୁହେଁ, କିପରି ଶ୍ରମିକ ମାନଙ୍କୁ ଅଧିକ ଶୋଷଣ କରାଯାଇପାରିବ, ମାଲିକର ଇଚ୍ଛା ଅନୁଯାୟୀ କାର୍ଯ୍ୟରୁ ବହିଷ୍କାର କରାଯାଇପାରିବ ସେ କଥାକୁ ଧ୍ୟାନଦେଇ ଶ୍ରମ ଆଇନ୍‌ରେ ପରିବର୍ତ୍ତନ ପାଇଁ ଚେଷ୍ଟା ଚାଲିଛି । ବାମପନ୍ଥୀଙ୍କ ଶକ୍ତିହ୍ରାସ ଯୋଗୁ ଏସବୁ ବିପଦ ଅଧିକ ଭୟଙ୍କର ହୋଇଛି । ଏଣୁ ଏପରି ସମୟରେ ଆମ ଶିଳ୍ପର ପ୍ରଗତି, ଏହାର ରାଷ୍ଟ୍ରାୟତ୍ତ ଚରିତ୍ରକୁ ଅକ୍ଷୁର୍ଣ୍ଣ ରଖିବା, ବୀମା ଶିଳ୍ପରେ ଏଫ୍.ଡ଼ି.ଆଇ. ସୀମା ବିରୁଦ୍ଧରେ ଲଢ଼ିବା ତଥା ଶିଳ୍ପର ପ୍ରଗତି ସହିତ ସାମଞ୍ଜସ୍ୟରଖି ଏକ ଉନ୍ନତ ମଜୁରୀ ଆଦାୟ ପାଇଁ ଆମକୁ ତୀବ୍ର ସଂଗ୍ରାମ କରିବାକୁ ପଡ଼ିବ । ଏହା ସମ୍ଭବ ଯଦି AIIEA ଅଧିକ ଶକ୍ତିଶାଳୀ ହୁଏ ଏବଂ ଅନ୍ୟମାନଙ୍କୁ ନେଇ ଆମେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିପାରିବା ।

*ଅଭିନନ୍ଦନ ସହ*

**ସନ୍ତୋଷ କୁମାର ମହାପାତ୍ର**



# ଅସମୟର ଚାଲେଞ୍ଜ୍

ରବିନାରାୟଣ ମଲ୍ଲିକ୍
ପୂର୍ବତନ ସଭାପତି, ସି.ଡ଼ି.ଆଇ.ଇ.ଏ.

ଭାରତ ବର୍ଷର ଶ୍ରମିକ ଶ୍ରେଣୀ ପାଇଁ ବର୍ତ୍ତମାନର ସମୟକୁ ଅସମୟ ଆଖ୍ୟା ଦେବା ବୋଧ ହୁଏ ଠିକ୍ ହେବ । କାରଣ ପ୍ରଥମ ଥର ପାଇଁ ଏକ ଅତି ମାତ୍ରାରେ ରକ୍ଷଣଶୀଳ ଶକ୍ତି ନିରଙ୍କୁଶ ସଂଖ୍ୟାଗରିଷ୍ଠ ଆସନରେ ଜିଣି କେନ୍ଦ୍ର ଶାସନରେ ଅଧିଷ୍ଠିତ ହୋଇଛି । ଆମ ନିର୍ବାଚନ ବ୍ୟବସ୍ଥାର ବିଡ଼ମ୍ବନା ହେଉଛି ଜଣକ ବିରୁଦ୍ଧରେ ସଂଖ୍ୟାଗରିଷ୍ଠ ଲୋକଙ୍କର ମତ ଥାଇ ବି ସେ ଯଦି ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ସର୍ବାଧିକ ଭୋଟ ପାଏ ତା' ହେଲେ ବିଜୟୀ ହୁଏ । ଏହି ବ୍ୟବସ୍ଥା ଯୋଗୁଁ ମାତ୍ର ୩୧ ପ୍ରତିଶତ ଭୋଟ ପାଇ ବି.ଜେ.ପି. ୨୮୨ ସଂସଦୀୟ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ସକ୍ଷମ ହୋଇଛି । ଏନ୍.ଡ଼ି.ଏ. ଅନ୍ତର୍ଭୁକ୍ତ ଦଳମାନଙ୍କର ଭୋଟ ପ୍ରାପ୍ତି ୩୫ ପ୍ରତିଶତ ହୋଇ ବି ଆସନ ସଂଖ୍ୟା ୩୩୬ ହୋଇଛି । କଗ୍ରେସ ଦଳର ଭୋଟ ହାର ମାତ୍ର ୧୯ ପ୍ରତିଶତ ଏବଂ ଆସନ ସଂଖ୍ୟା ୪୪ ହୋଇଛି ଯାହାକି ସର୍ବକାଳୀନ ନିକୃଷ୍ଟତମ ରେକର୍ଡ଼ । ସବୁଠାରୁ ଉଦ୍‌ବେଗଜନକ ହେଉଛି ଶ୍ରମିକ ଶ୍ରେଣୀର ସ୍ୱାର୍ଥ ପାଇଁ ଅହରହ ସଂଗ୍ରାମ କରୁଥିବା ବାମ ପନ୍ଥୀମାନଙ୍କର ସଂସଦରେ ଶକ୍ତି ହ୍ରାସ ଘଟିବା । ବାମପନ୍ଥୀମାନେ ତ୍ରିପୁରାରେ ଦୁଇଟି ଯାକ ଲୋକ ସଭା ଆସନ ବଜାୟ ରଖିଛନ୍ତି ଏବଂ ବିଜୟର ବ୍ୟବଧାନ ବଢ଼ାଇଛନ୍ତି । କେରଳରେ ୨୦୦୯ ଲୋକ ସଭା ନିର୍ବାଚନରେ ବାମପନ୍ଥୀମାନେ ୪ଟି ଆସନରେ ଜିଣିଥିଲେ । ଏଥର ତାହା ଦ୍ୱିଗୁଣିତ ହୋଇ ୮ ହୋଇଛି । ମାତ୍ର ବାମପନ୍ଥୀମାନଙ୍କର ସର୍ବୋଚ୍ଚ ଶକ୍ତିଶାଳୀ ଦୁର୍ଗ ପଶ୍ଚିମ ବଙ୍ଗରେ ଭୋଟ ହାର ହ୍ରାସ ଘଟିବା ଓ ଆସନ ସଂଖ୍ୟା ମାତ୍ର ୨କୁ ଖସି ଆସିବା ଫଳରେ ସଂସଦରେ ବାମପନ୍ଥୀ ସାଂସଦଙ୍କ ସଂଖ୍ୟା ୧୨କୁ ଖସିଯାଇଛି । **ନିର୍ବାଚନରେ ବ୍ୟାପକ ଅର୍ଥ ବ୍ୟୟ ସାଙ୍ଗକୁ ପଶ୍ଚିମ ବଙ୍ଗରେ ଶାସକ ଦଳ ପକ୍ଷରୁ ସଙ୍ଗଠିତ ସନ୍ତ୍ରାସ, ହତ୍ୟା ଓ ବୁଥ୍ ଦଖଲ ଆଦି ଘଟଣା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଛି** ଏଥିରେ ସନ୍ଦେହ ନାହିଁ । କିନ୍ତୁ ବାମପନ୍ଥୀମାନଙ୍କର ପାରମ୍ପରିକ ସମର୍ଥକମାନଙ୍କ ମଧ୍ୟରୁ ଏକାଂଶ କାହିଁକି ବାମପନ୍ଥୀମାନଙ୍କ ପ୍ରତି ବିମୁଖ ହେଲେ ଏବଂ ପଶ୍ଚିମ ବଙ୍ଗରେ ସାମ୍ପ୍ରଦାୟିକତାବାଦୀମାନଙ୍କର ଭୋଟ ପ୍ରାୟ ତିନି ଗୁଣ ବଢ଼ିଲା ତା'ର କାରଣ ସ୍ଥିର ଚିତ୍ତରେ ଅନୁଧ୍ୟାନ କରିବାକୁ ପଡ଼ିବ ।

ଏ ପ୍ରକାର ପରିସ୍ଥିତିକୁ ଶ୍ରମିକ ଶ୍ରେଣୀ ପାଇଁ ଦୁଃସମୟ ବା ଅସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ସମୟରେ ନିରାଶା ପୋଷଣ ବା ହତାଶ ହେବାର କୌଣସି ସ୍ଥାନ ନାହିଁ । ଏପରି ଭାବନାର ବଶବର୍ତ୍ତୀ ହେବା ଅର୍ଥ ହେଉଛି ରଣ କ୍ଷେତ୍ରରୁ ପଳାୟନ କରି ଶୋଷଣ ବର୍ଗଙ୍କ ହାତକୁ ସବୁ କିଛି ଟେକି ଦେବା । ପ୍ରଖ୍ୟାତ ନାଟ୍ୟକାର ବ୍ରେଟଲ୍ ବ୍ରେଟ୍ କହିଛନ୍ତି, ''ଅନ୍ଧକାର ଯେତେବେଳେ କାୟା ବିସ୍ତାର କରେ, ଆଖିର ପତାକୁ ଆହୁରି ଜୋର୍‌ରେ ଖୋଲିବାକୁ ପଡ଼ିବ ।'' ଏହାହିଁ ଆଜିର ପରିସ୍ଥିତିରେ ଅଗ୍ରସର ହେବାର ସଠିକ୍ ମାର୍ଗ ।

ପ୍ରଚାର ଚାଲିଛି, ''ଭଲ ଦିନ ଆସିଗଲା'', ''ସ୍ଥିର ସରକାର ଓ ଦୃଢ଼ ନେତୃତ୍ୱ ପ୍ରତିଷ୍ଠିତ ହେଲା'', ''ମେଣ୍ଟ ଅଂଶୀଦାର ଦଳମାନଙ୍କର ବ୍ଲାକ୍ ମେଲିଂର ଭୟ ନାହିଁ – ତେଣୁ ସରକାରଙ୍କ ପକ୍ଷରେ ଦୃଢ଼ ସିଦ୍ଧାନ୍ତ ନେବାରେ କୌଣସି ବାଧା ନାହିଁ କି ସରକାର ବଞ୍ଚାଇବାର ବାଧ୍ୟବାଧକତା ନାହିଁ । ମାତ୍ର ପ୍ରଶ୍ନ ହେଉଛି କାହା ପାଇଁ ଭଲ ଦିନ ଆସିଗଲା ? ଲଗାମ ହୀନ୍ ଦରଦାମ ବୃଦ୍ଧି ଯୋଗୁଁ ନାଭିଃଶ୍ୱାସ ଉଠୁଥିବା ସାଧାରଣ ଲୋକଙ୍କ ପାଇଁ ଭଲ ଦିନ ଆସିଲା ନା କର୍ମସଂସ୍ଥାନ ନ ପାଇଁ ଭାଁ ଭାଁ ବୁଲୁଥିବା ବେକାରଙ୍କ ପାଇଁ ଭଲ ଦିନ ଆସିଲା ? ସ୍ୱଳ୍ପ ମଜୁରୀ ଓ ଶୋଚନୀୟ ଚାକିରି ସର୍ତ୍ତରେ କାମ କରୁଥିବା ଅସଙ୍ଗଠିତ ଶ୍ରମିକଙ୍କ ପାଇଁ ଭଲ ଦିନ ଆସିଲା ନା ଉଜୁଡ଼ା ଚାଷବାସକୁ ନେଇ ମରଣକୁ ବରଣ କରୁଥିବା ଚାଷୀକୂଳଙ୍କ ପାଇଁ ଭଲ ଦିନ ଆସିଲା ? 'ଘରେ ନ ପଶୁଣୁ ଚାଳ ବାଜିଲା' ପରି ପ୍ରଧାନ ମନ୍ତ୍ରୀ ମୋଦି ମହାଶୟ ଓ ତାଙ୍କ ଦଳର ମନ୍ତ୍ରୀ ଓ ବଡ଼ ପଣ୍ଡାମାନେ କହିଲେଣି, ସରକାର କଠୋର ନିଷ୍ପତ୍ତି ନେବେ ସେଥିପାଇଁ ଲୋକେ ପ୍ରସ୍ତୁତ ରହନ୍ତୁ । ନିର୍ବାଚନ ପ୍ରଚାର ସମୟରେ ମୋଦିଙ୍କର ବକ୍ତବ୍ୟ ଥିଲା – ''ଆମ ସରକାର ଆସିଲେ ଭଲ ଦିନ ଆସିବ' । ଏବେ କହୁଛନ୍ତି 'ଭବିଷ୍ୟତରେ ଭଲ ଦିନ ଆଣିବା ପାଇଁ ଏବେ କଠୋର ନିଷ୍ପତ୍ତି ନିଆଯିବା ଦରକାର । ମୋଦିଙ୍କ ନିର୍ବାଚନ ପ୍ରଚାରରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା କର୍ପୋରେଟ ଜଗତ ଏବଂ ଚାଟୁକାର ଗଣ ମାଧ୍ୟମ ମୋଦି ସରକାରଙ୍କର ଏ ପ୍ରକାର ଦ୍ୱିଚାରିତାର କି ଉତ୍ତର ଦେବେ ? ଅବଶ୍ୟ ସେମାନଙ୍କର ଉଦ୍ଦେଶ୍ୟ ତ ସାମୟିକ ଭାବେ ହେଲେ ହେଁ ସାଧିତ ହୋଇଛି । ତେଣୁ ସୋମନଙ୍କ ପାଇଁ ଉତ୍ତର ଦେବାର କି ଆବଶ୍ୟକତା ରହିଛି ?

ମୋଦି ସରକାର କ୍ଷମତାକୁ ଆସିବା ପରେ ବିଶ୍ୱବ୍ୟାପୀ ପୁଞ୍ଜିପତି ମହଲରେ ସ୍ୱାଭାବିକ ଭାବେ ଆନନ୍ଦ ଉଲ୍ଲାସ ଖେଳି ଯାଇଛି । ଗୁଜରାଟ ନରସଂହାର ପରେ ଆମେରିକା ଓ ଅନ୍ୟ ଯେଉଁ ପାଶ୍ଚାତ୍ୟ ରାଷ୍ଟ୍ରମାନେ ମୋଦିଙ୍କ – ଉପରେ ଭିସା କଟକଣା ଲାଗୁ କରିଥିଲେ ସେମାନେ ମୋଦିଙ୍କୁ ସ୍ୱାଗତ କରିବା ପାଇଁ ପ୍ରତିଯୋଗିତାରେ ଲାଗି ପଡ଼ିଛନ୍ତି । ଭାରତ ବର୍ଷର ବଡ଼ ବଡ଼ ଶିଳ୍ପପତି ଗୋଷ୍ଠୀ ଓ ବିଦେଶୀ ପୁଞ୍ଜିପତିମାନେ ସରକାରଙ୍କଠାରେ ସେମାନଙ୍କର 'ଆଶାର ଖସଡ଼ା' (wish list) ଦାଖଲ କରି ସାରିଲେଣି । ଏହି ଖସଡ଼ାର ମୂଳ କଥା ହେଉଛି ସରକାରୀ ସଂପଦ ଲୁଟ୍ କରିବା ଏବଂ ଶ୍ରମିକ ଶୋଷଣକୁ ନିଷ୍କଣ୍ଟକ କରି ସେମାନଙ୍କର ମୁନାଫା ଅର୍ଜନର ପଥକୁ ସୁଗମ କରିବା । ମୋଦି ସରକାର ମଧ ସେମାନଙ୍କର ଆଜ୍ଞାବହ ଭୃତ୍ୟ ପରି ପ୍ରତିରକ୍ଷା ଓ ରେଳବାଇ ପରି ଗୁରୁତ୍ୱପୂର୍ଣ୍ଣ ଓ ସଂବେଦନଶୀଳ କ୍ଷେତ୍ରରେ ଘରୋଇକରଣ ଓ ବିଦେଶୀ ପୁଞ୍ଜିର ଅନୁପ୍ରବେଶ ପାଇଁ ସିଦ୍ଧାନ୍ତ ଘୋଷଣା କରି ସାରିଛନ୍ତି । ରେଳବାଇ ଯାତ୍ରୀ ଭଡ଼ା ଓ ମାଲ୍ ପରିବହନ ଭଡ଼ା ବୃଦ୍ଧି କରି ଲୋକଙ୍କୁ ବିଜୟ ଭେଟି ଦେଇଛନ୍ତି । ଏବେ ଦାବୀ ଜୋର୍ ଧରିଛି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଓ ବୀମା କ୍ଷେତ୍ରରେ ସରକାରୀ ଅଂଶଧନକୁ ୫୦%ରୁ କମାଇ ଦିଆଯାଉ । ରିଜର୍ଭ୍ ବ୍ୟାଙ୍କ୍‌ରେ ଗଭର୍ଣ୍ଣରଙ୍କର ଦାବୀ ହେଉଛି ନିୟନ୍ତ୍ରକ (Regulators) ମାନଙ୍କର ସିଦ୍ଧାନ୍ତ ବିରୁଦ୍ଧରେ କୋର୍ଟ କଚେରିରେ ଅପିଲ୍ କରିବାର ଅଧିକାର ଛଡ଼ାଇ ନିଆଯାଉ । ଏପରି ଅବସ୍ଥାରେ ବୀମା ସଂଶୋଧନ ଆଇନ୍ ବିରୁଦ୍ଧରେ ଆମର ସଂଗ୍ରାମ କିପରି କଠିନ ଓ କଠୋର ହେବ ସହଜରେ ଅନୁମେୟ । କର୍ତ୍ତୃପକ୍ଷଙ୍କର କର୍ମଚାରୀ ବିରୋଧୀ ସର୍ତ୍ତକୁ ପରାସ୍ତ କରି ଏକ ଉନ୍ନତ ମଜୁରୀ ସଂଶୋଧନ ଆଦାୟ କରିବାର ସଂଗ୍ରାମରେ ଆମ୍ଭମାନଙ୍କୁ କିପରି ଚାଲେଞ୍ଜ୍‌ର ସମ୍ମୁଖୀନ ହେବାକୁ ପଡ଼ିବ ତାହା ମଧ ସ୍ପଷ୍ଟ ଅନୁମେୟ ।

**କେବଳ ସଂସଦରେ ସଂଖ୍ୟାଗରିଷ୍ଠ ଆସନ ଯେ ସରକାରଙ୍କୁ ସ୍ଥିର କରିବ ଏକଥା ଭାବିବା ନିର୍ବୋଧତା ବ୍ୟତୀତ ଆଉ କିଛି ନୁହେଁ । କାରଣ ଏପରି ହୋଇଥିଲେ ୧୯୭୧ ନିର୍ବାଚନ ପରେ ଗଠିତ ଇନ୍ଦିରା ଗାନ୍ଧୀଙ୍କର ସରକାର, ଇନ୍ଦିରା ଗାନ୍ଧୀଙ୍କର ହତ୍ୟା ପରେ ୧୯୮୪ ନିର୍ବାଚନରେ ଆସିଥିବା ରାଜୀବ ଗାନ୍ଧୀଙ୍କ ସରକାର ତ ତା' ପରବର୍ତ୍ତୀ ନିର୍ବାଚନରେ ପରାଜିତ ହୋଇ ନ ଥାଆନ୍ତେ ।** ଗୋଟିଏ କଥା ଭଲ ଭାବରେ ବୁଝିବା ଦରକାର ଯେ ଲୋକେ ଅସ୍ଥିର ରହିଲେ, ସେମାନଙ୍କର ଜୀବନ ଜୀବିକା ଅସ୍ଥିର ହେଲେ କୌଣସି ସରକାର ସ୍ଥିର ବା ଅଜେୟ ରହି ପାରିବ ନାହିଁ । ଏହାହିଁ ଇତିହାସର ଶିକ୍ଷା ଏହାହିଁ ଭାରତବାସୀଙ୍କର ଅଭିଜ୍ଞତା ।

ଆଉ ଏକ ବିପଦ ପ୍ରତି ସତର୍କ ରହିବା ଏକାନ୍ତ ଜରୁରୀ । ତାହା ହେଉଛି ଧର୍ମ ଓ ଜାତି ନାମରେ ଶ୍ରମିକ ଶ୍ରେଣୀର ଏକତା ଓ ଆଘାତକାରୀ ଶକ୍ତିକୁ ଖର୍ବ କରିବାର ଉଦ୍ୟମ । ଛଦ୍ମ ଦେଶପ୍ରେମ ନାମରେ ପୁଞ୍ଜିପତି ଗୋଷ୍ଠୀଙ୍କର ଶୋଷଣ ବିରୁଦ୍ଧରେ ସଂଗ୍ରାମକୁ ବିଭ୍ରାନ୍ତ କରିବାର ଉଦ୍ୟମ । ଶୋଷକ ଶ୍ରେଣୀ ଭଲ ଭାବରେ ଜାଣନ୍ତି ଯେ ଶୋଷିତ ଶ୍ରେଣୀର ସଂଗ୍ରାମକୁ ଦବାଇବା ପାଇଁ ଉଗ୍ର ଧର୍ମାନ୍ଧତା ଓ ଜାତ୍ୟାଭିମାନ ଏକ ଫଳପ୍ରଦ ଅସ୍ତ୍ର । ସେଥିଲାଗି ସଂବିଧାନର ୩୭୦ ଧାରା ଉଚ୍ଛେଦ, ସମାନ ଦେଓ୍ୱାନୀ ଆଇନ୍ ଓ ଅଯୋଧ୍ୟାର ବିବାଦୀୟ ସ୍ଥାନରେ ରାମ ମନ୍ଦିର ନିର୍ମାଣର ଦାବୀକୁ ପୁନର୍ବାର ଉଠାଯାଇ ଲୋକଙ୍କର ଦୃଷ୍ଟିକୁ ପ୍ରକୃତ ସମସ୍ୟାରୁ ହଟାଇବାର ଉଦ୍ୟମ ଜୋର୍‌ସୋର୍‌ରେ ଆରମ୍ଭ ହୋଇଛି । ଏ ଚକ୍ରାନ୍ତକୁ ଭଲ ଭାବରେ ବୁଝିବାକୁ ପଡ଼ିବ ଓ ଏହାକୁ ସର୍ବଶକ୍ତି ଦେଇ ପ୍ରତିହତ କରିବାକୁ ପଡ଼ିବ ।

ପରିଶେଷରେ ଗୋଟିଏ କଥା କହି ଏହି କ୍ଷୁଦ୍ର ପ୍ରତିବେଦନକୁ ଶେଷ କରିବି । ସଂସଦରେ ବାମପନ୍ଥୀମାନଙ୍କର ଶକ୍ତି ହ୍ରାସ ଯୋଗୁଁ ଯେଉଁ ପ୍ରତିକୂଳତା ସୃଷ୍ଟି ହୋଇଛି ଏକମାତ୍ର ବ୍ୟାପକ ଓ ବଳିଷ୍ଠ ଗଣ ଆନ୍ଦୋଳନ ଜରିଆରେ ହି ତା'କୁ ଅତିକ୍ରମ କରିବା ସମ୍ଭବ । ଏହାହିଁ ଇତିହାସର ଶିକ୍ଷା । ଏହାହିଁ ଆମର ପ୍ରିୟ ସଙ୍ଗଠନ AIIEA ର ଶିକ୍ଷା ।

❖❖❖



# ସଂଗ୍ରାମ ହିଁ ଏକମାତ୍ର ବିକଳ୍ପ

**ଅମାନୁଲ୍ଲା ଖାନ୍, ସଭାପତି, AIIEA**

ଗତ ଷୋଡ଼ଶ ଲୋକସଭା ନିର୍ବାଚନରେ ଭାରତୀୟ ଜନତା ଦଳ (ବିଜେପି) ନିରଙ୍କୁଶ ବିଜୟ ହାସଲ କରିଛି । ପାଖାପାଖି ୩୧ ପ୍ରତିଶତ ଭୋଟ ହାରରେ ଏହି ଦଳ ୨୮୨ ଆସନ ହାସଲ କରିଛି । ଏହାର ସହଯୋଗୀ ଦଳକୁ ହିସାବକୁ ନେଲେ ଆସନ ସଂଖ୍ୟା ଓ ଭୋଟ ହାର ଯଥାକ୍ରମେ ୩୩୬ ଓ ୩୫ ପ୍ରତିଶତ ରହିବ । ୧୯୮୪ ମସିହା ପରଠାରୁ ଏକକ ଦଳ ହିସାବରେ ସଂଖ୍ୟାଗରିଷ୍ଠ ଆସନ ଲାଭ କରିପାରିଛି । ଆମେ ଜନସାଧାରଣଙ୍କ ସିଦ୍ଧାନ୍ତକୁ ସମ୍ମାନ ଜଣାଇବା ସହିତ ବିଜୟୀ ଦଳକୁ ଅଭିନନ୍ଦନ ଜଣାଉଛୁ । ଏହି ସରକାରର ପ୍ରଧାନମନ୍ତ୍ରୀ, ଦେଶକୁ ନ୍ୟାୟ, ସମାନତା ଓ ଧର୍ମନିରପେକ୍ଷତା ଆଧାରରେ ଶାସନ କରିବେ ବୋଲି ଆମର ଆଶା, ଯାହାକି ଭାରତୀୟ ସମ୍ବିଧାନର ଭିତ୍ତି ଅଟେ ।

ବିଜେପିର ଚମତ୍କାର ପ୍ରଦର୍ଶନ ଅନ୍ତରାଳେ ଅନେକ ଗୁଡ଼ିଏ କାରଣ ରହିଛି । ରାହୁଲ ଗାନ୍ଧୀଙ୍କ ବିପକ୍ଷରେ ନରେନ୍ଦ୍ର ମୋଦୀଙ୍କୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇ, ରାଷ୍ଟ୍ରପତି ଭିତ୍ତିକ ନିର୍ବାଚନ ପ୍ରଚାର ମାଧ୍ୟମରେ, କଂଗ୍ରେସ ଦଳକୁ ସମ୍ପୂର୍ଣ୍ଣ ଦୁର୍ବଳ କରିପାରିଲା । ପ୍ରଚାର, ପ୍ରକ୍ରିୟା, ଜନସାଧାରଣଙ୍କ ଜୀବନ, ଜିବୀକା ଓ ରାଷ୍ଟ୍ରର ଭବିଷ୍ୟତର ନୀତି ଉପରେ ପର୍ଯ୍ୟବେସିତ ହେବା ପରିବର୍ତ୍ତେ ବ୍ୟକ୍ତିଗତ ଆରୋପ-ପ୍ରତ୍ୟାରୋପ ମଧ୍ୟରେ ସିମୀତ ରହିଲା । ଦ୍ୱିତୀୟତଃ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର (ଆରଏସଏସ) ହଜାର ହଜାର ପ୍ରଚାରକ, ନିର୍ବାଚନ ପ୍ରଚାର ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ ମାଧ୍ୟମରେ ଭାରତୀୟ ଜନସମୁଦାୟକୁ ଧର୍ମ ଆଧାରରେ ବିଭକ୍ତ କରିବାରେ ସଫଳ ହୋଇପାରିଲେ । ଉପା ସରକାର ଅମଳରେ ସଂସ୍କାର ଜନିତ ଆଂଶିକ ସୁଫଳର ସିଂହ ଭାଗ ଭାରତୀୟ ସମାଜର ଉଚ୍ଚ ଓ ମଧ୍ୟମ ବର୍ଗର ଏକ ବୃହତ ଗୋଷ୍ଠୀ ଭୋଗ କରିବାରେ ସକ୍ଷମ ହୋଇଥିବା ବେଳେ ଏହି ପ୍ରକ୍ରିୟା ମନ୍ଥର ହେବାରୁ ସମ୍ପୃକ୍ତ ଗୋଷ୍ଠୀ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମୋଦିଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ସର୍ବୋପରି ଭାରତୀୟ କର୍ପୋରେଟ ଜଗତ ମୋଦିଙ୍କୁ ଶତ ପ୍ରତିଶତ ସମର୍ଥନ ଜଣାଇବା ସହିତ ତାଙ୍କର ନିର୍ବାଚନ ପ୍ରଚାରରେ ପ୍ରଚୁର ଭାବରେ ଅର୍ଥ ମଧ୍ୟ ବିନିଯୋଗ କରିଥିଲେ । ସୁବୃହତ କର୍ପୋରେଟ ନିୟନ୍ତ୍ରିତ ଗଣମାଧ୍ୟମ ସମୁହ ମୋଦିଙ୍କୁ, ସଠିକ ନିଷ୍ପତ୍ତି ନେଇପାରୁଥିବା ଜଣେ ଶାସକ ଭାବରେ ଉପସ୍ଥାପନ କରିଚାଲିଲେ । ଏହି କର୍ପୋରେଟ ଗୋଷ୍ଠୀ ହିଁ ତଥାକଥିତ ଗୁଜରାଟ ମଡେଲର ସର୍ବାପେକ୍ଷା ଉପକୃତ ହୋଇଥିଲେ । ସମ୍ପୃକ୍ତ ବିକାଶ ପ୍ରକ୍ରିୟାରେ ମୋଦି ଜାତୀୟ ସମ୍ପତ୍ତିର ଘରୋଇକରଣ କରିବା କିମ୍ବା ବଡ଼ ବଡ଼ ପୁଞ୍ଜିବାଦୀ ଗୋଷ୍ଠୀଙ୍କୁ ଜନତାଙ୍କ ସମ୍ପତ୍ତିକୁ ସିଧାସଳଖ ଉପହାର ସୂତ୍ରରେ ପ୍ରଦାନ କରିବାରେ ତିଳେ ହେଲେ କୁଣ୍ଠା ପ୍ରକାଶ କରି ନ ଥିଲେ । ଏମାନେ ମିଳିମିଶି ଏପରି ଏକ ଧାରଣା ସୃଷ୍ଟି କରାଇଲେ, ସତେ ଯେପରି ଦେଶବାସୀଙ୍କୁ ଅନନ୍ତ ସୁଖ ପ୍ରଦାନ କରିବା ପାଇଁ ସ୍ୱର୍ଗାଲୋକରୁ ମୋଦି ନାମକ ଦେବଦୂତ ଆମରି ଭୂଖଣ୍ଡରେ ଅବତରଣ କରିଛନ୍ତି । ଖୋଦ ମୋଦି ମଧ୍ୟ ନିଜକୁ ଅବତାରୀ ପୁରୁଷ ରୂପେ ଉପସ୍ଥାପିତ କରିବାକୁ ଯାଇ କହିଲେ ଯେ ସ୍ୱୟଂ ଈଶ୍ୱରଙ୍କ ଇଚ୍ଛାରେ ସେ ଦେଶର ନେତୃତ୍ୱ ନେବା ପାଇଁ ଆଗେଇ ଆସିଛନ୍ତି ଏବଂ ଗଙ୍ଗା ମାତାଙ୍କ ଆହ୍ୱାନରେ ସେ ବାରଣାସୀରୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ।

କିନ୍ତୁ ବାସ୍ତବତା ହେଉଛି ଯେ ମୋଦିଙ୍କ ଏହି ସଫଳତା, କଂଗ୍ରେସର ବଡ଼ ବିଫଳତା ଉପା । ସରକାରଙ୍କ ଅର୍ଥନୈତିକ ଓ ସାମାଜିକ ନୀତି ପ୍ରତି ଜନସାଧାରଣ ସମ୍ପୂର୍ଣ୍ଣ ବିମୁଖ ହୋଇଯାଇଥିଲେ । ଅଣ୍ଟା ଭଙ୍ଗା ମୁଦ୍ରାସ୍ଫିତୀକୁ ରୋକିବା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଉପା ସରକାରଙ୍କ ବିଫଳତା, ଏହାର ବିଜୟ ସମ୍ଭାବନାକୁ ଅବରୁଦ୍ଧ କରିଦେଲା । ଆଜି ମୋଟ ଭାରତୀୟ ଜନସଂଖ୍ୟାର ଦୁଇ ତୃତୀୟାଂଶ ପାଖାପାଖି ନାଗରିକଙ୍କ ବୟସ ୩୫ ବର୍ଷରୁ କମ ଏବଂ ଏହି ମାନଙ୍କ ମଧ୍ୟରୁ ଏକ ବୃହତ ଅଂଶର ଭବିଷ୍ୟତ ଅନ୍ଧକାର । ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବାର ପ୍ରତିଶୃତି ମାଧ୍ୟମରେ, ମୋଦି ସେହିମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ ସଫଳ ହୋଇପାରିଲେ । ସାଧାରଣ ଜନତାଙ୍କ ଜୀବନ ଓ ଜୀବିକାର ଅଭାବ, ଅସୁବିଧା ଦୂର କରିବାରେ କଂଗ୍ରେସ ତଥା ଉପା ସରକାର ସମ୍ପୂର୍ଣ୍ଣ ବିଫଳ ହେଲେ । ଉପା ସରକାର କେବଳ ଯେ ଦୁର୍ନୀତି ସମ୍ପର୍କରେ କୋହଳ ମନୋଭାବ ପ୍ରଦର୍ଶନ କଲେ ତାହା ନୁହେଁ, କ୍ରୋନୀ କ୍ୟାପିଟଲିଜିମକୁ (କମ୍ପାନୀ ପ୍ରତିପାଳନ) ମଧ୍ୟ ଅତ୍ୟନ୍ତ ନିର୍ଲ୍ଲଜ ଭାବରେ ପ୍ରୋତ୍ସାହନ ଦେଇଚାଲିଲେ । ସେଥିପାଇଁ ଜନସାଧାରଣ ବିରକ୍ତ ହୋଇ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କଲେ । କଂଗ୍ରେସ ଦଳ ପ୍ରାୟତଃ ଧରାଶାୟୀ ହୋଇଯାଇଛି ଏବଂ ନିର୍ବାଚନୀ ଇତିହାସରେ ଉଭୟ ଆସନ ସଂଖ୍ୟା ଓ ଭୋଟ ହାର ଦୃଷ୍ଟିରୁ ଏହାର ପ୍ରଦର୍ଶନ ସର୍ବନିମ୍ନ ରହିଛି । ନବ୍ୟ ଉଦାରବାଦ ନୀତି ଲଗାମଛଡ଼ା ପ୍ରବର୍ତ୍ତନ ପାଇଁ ଏହି ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିଲା ବୋଲି କଂଗ୍ରେସ ଦଳ ଏବେ ବି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ – ଏହା ହିଁ ଆଶ୍ଚର୍ଯ୍ୟଜନକ !

ମୂଳ ହିନ୍ଦୁ ପ୍ରସଙ୍ଗ ପ୍ରତି ଅଙ୍ଗୀକାରବଦ୍ଧତା ସହିତ ଦେଶର ବିକାଶ ପ୍ରତି ଦାୟବଦ୍ଧତାର ନବ୍ୟ ଉଦାରବାଦୀ ନୀତି ତ୍ୱରାନ୍ୱିତ କରିବାର ପ୍ରତିଶ୍ରୁତିର ଜୋରଦାର ପ୍ରଚାର ତଥା ଗଣମାଧ୍ୟମର ସହାୟତା ଯୋଗୁଁ ବିଜେପି ସଫଳ ହୋଇପାରିଲା । ୧୯୯୮–୨୦୦୪ ମସିହାରେ ଏନଡ଼ିଏର ରାଜୁତି କାଳରେ ଘଟିଥିବା ଦୁର୍ନୀତି ଓ ପରବର୍ତ୍ତୀ ସମୟରେ ଗୁଜରାଟ ଓ କର୍ଣ୍ଣାଟକରେ ରାଷ୍ଟ୍ରୀୟ ସମ୍ପତ୍ତିର ବ୍ୟାପକ ହରିଲୁଟ୍ ଆଦି ସମସ୍ତ ଘଟଣା ସମୂହକୁ ବିଜେପି ଅତ୍ୟନ୍ତ ଚତୁରତାର ସହିତ ପ୍ରଚାର ବଳରେ ଜନମାନସ ପଟରୁ ଲୁଚାଇ ରଖିବାରେ ସକ୍ଷମ ହୋଇପାରିଲା ।

ଗୁଜରାଟ ସରକାରଙ୍କ ପୃଷ୍ଠପୋଷକତା ବ୍ୟତିରେକ, ଆଦାନୀ ଗୋଷ୍ଠୀ ଏତେ ବଡ଼ ସାମ୍ରାଜ୍ୟ ବିସ୍ତାର କରିବାରେ ସଫଳ ହୋଇପାରିନଥାନ୍ତା । ଏହି ସବୁ ବିଷୟବସ୍ତୁକୁ ଆଲୋଚନା ପରିସରକୁ ନ ଆଣି ଗଣମାଧ୍ୟମ ବିଜେପିର ପ୍ରଚାରକୁ ଆଗେଇନେବାରେ ପୂର୍ଣ୍ଣ ସହଯୋଗ ପ୍ରଦାନ କଲା । ତାମିଲ୍‌ନାଡୁ, ଓଡ଼ିଶା ଓ ପଶ୍ଚିମବଙ୍ଗ ବ୍ୟତୀତ ଅନ୍ୟ ସବୁ ରାଜ୍ୟରେ ଆଞ୍ଚଳିକ ଦଳମାନେ ସେମାନଙ୍କ ଅସ୍ତିତ୍ୱ ହରାଇଲେ । ଏହି ନିର୍ବାଚନରେ ବାମପନ୍ଥୀ ଦଳ ସମୂହଙ୍କ ନୈରାଶ୍ୟ ଜନକ ପ୍ରଦର୍ଶନ, ଶ୍ରମିକ ଶ୍ରେଣୀ ପାଇଁ ନିତାନ୍ତ ଉଦବେଗର କାରଣ ହୋଇଛି । ତ୍ରିପୁରାରେ ଅଧିକ ସଶକ୍ତି ହେବା ସହିତ କେରଳରେ ପ୍ରଦର୍ଶନ ହାର ଉନ୍ନତତର ଥିଲେ ମଧ୍ୟ ବାମପନ୍ଥୀ ଗଡ଼ ଭାବରେ ଅଭିହିତ ପଶ୍ଚିମବଙ୍ଗରେ ଏହାର ପ୍ରଦର୍ଶନ ଅତ୍ୟନ୍ତ ନିରୁତ୍ସାହଜନକ । **ଶ୍ରମିକ ଶ୍ରେଣୀ ଅନୁଭବ କରିଛନ୍ତି ଯେ ରାଷ୍ଟ୍ରର ହିତ ପାଇଁ ଦେଶର ବାମପନ୍ଥୀ ଶକ୍ତି ହିଁ ଅତନ୍ଦ୍ର ପ୍ରହରୀ । ଏହା ସତ୍ୟ ଯେ, ଭୋଟ କେନ୍ଦ୍ର ଜବରଦଖଲ ଓ ନିର୍ବାଚନରେ ଜାଲିଆତି ଯୋଗୁଁ ପଶ୍ଚିମବଙ୍ଗର ଫଳାଫଳ ସନ୍ଦିହାନ । କିନ୍ତୁ, ବାମପନ୍ଥୀଙ୍କ ଦୟନୀୟ ପ୍ରଦର୍ଶନ ସପକ୍ଷରେ ଏହା ଏକମାତ୍ର କାରଣ ନୁହେଁ ।** ଦେଶର ଗରିବ, ଶ୍ରମିକ ଶ୍ରେଣୀଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ନିଜର ଏହି ଦୟନୀୟ ପ୍ରଦର୍ଶନର କାରଣ ସମୀକ୍ଷା କରିବା ସହିତ ସେସବୁର ନିରାକରଣ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା, ବାମପନ୍ଥୀ ଦଳ ସମୂହଙ୍କ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । ବାମପନ୍ଥୀ ଦଳ ସମୂହଙ୍କ ଏହି ଦୟନୀୟ ପ୍ରଦର୍ଶନରେ ନବ୍ୟଉଦାରବାଦୀର ସ୍ତାବକମାନେ ଅତ୍ୟନ୍ତ ଉତ୍‌ଫୁଲ୍ଲିତ ଏବଂ ସେମାନେ

ଏହାର ମୃତ୍ୟୁଞ୍ଜାପନ ଲେଖିସାରିଛନ୍ତି । କିନ୍ତୁ ସେମାନେ ଭୁଲିଯିବା ଉଚିତ୍ ନୁହେଁ ଯେ, ଏହି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏହି ଦଳ ପଶ୍ଚିମବଙ୍ଗରେ ୩୦ ପ୍ରତିଶତ ଭୋଟ ହାସଲ କରିଛି ଏବଂ ସେହି ପ୍ରବକ୍ତାମାନେ ଭବିଷ୍ୟତରେ ଭୁଲ ପ୍ରମାଣିତ ହେବେ ନିଶ୍ଚୟ । ଶ୍ରମିକ ଶ୍ରେଣୀ ମଧ୍ୟ ସମ୍ପୃକ୍ତ ପ୍ରବକ୍ତାମାନଙ୍କ ମିଥ୍ୟାରୋପକୁ ହୃଦୟଙ୍ଗମ କରିବା ଉଚିତ୍ ଏବଂ ବୁଝିବା ଆବଶ୍ୟକ ଯେ ଯଦି ଏ ଦେଶରେ ବାମ ଶକ୍ତିର କୌଣସି ଭବିଷ୍ୟତ ନାହିଁ ତେବେ ଗରିବ, ବିସ୍ଥାପିତ ଏବଂ ସାରା ଶ୍ରମିକ ଶ୍ରେଣୀର ଭବିଷ୍ୟତ ମଧ୍ୟ ଅନ୍ଧକାରମୟ । **ସାମାଜିକ ଓ ଅର୍ଥନୈତିକ ସମାନତା ଓ ନ୍ୟାୟର ବାମପନ୍ଥୀ ଏକ ତତ୍ତ୍ୱ ଏବଂ ଏହି ତତ୍ତ୍ୱ ଭାରତୀୟ ଶ୍ରମିକ ଶ୍ରେଣୀର ସଂଗ୍ରାମକୁ ପ୍ରୋତ୍ସାହିତ କରିଚାଲିବ । ତେଣୁ ବାମପନ୍ଥୀଙ୍କୁ ସଶକ୍ତ କରି ଗଢ଼ିତୋଳିବା ତଥା ଶ୍ରେଣୀ ଅବସ୍ଥାନର ସଠିକ୍ ଜ୍ଞାନ ଆହରଣ ପୂର୍ବକ, ସଂଗ୍ରାମ ଭିତ୍ତିକ ସମର୍ଥନ ମାଧ୍ୟମରେ ଏହାର ଚିରାଚରିତ ଦୁର୍ଗ ବାହାରେ ବିସ୍ତାରିତ କରି ଏହି ଶକ୍ତିକୁ ଅଧିକରୁ ଅଧିକ ମଜବୁତ୍ କରିବାର ଗୁରୁ ଦାୟିତ୍ୱ ମଧ୍ୟ ଶ୍ରମିକ ଶ୍ରେଣୀ ଉପରେ ନ୍ୟସ୍ତ ।**

ଗଣତନ୍ତ୍ରରେ ରହିଥିବା ଅସଙ୍ଗତି ଦୂର କରିବା ପାଇଁ, ନିର୍ବାଚନ ପ୍ରକ୍ରିୟାରେ ସଂସ୍କାରର ନିତାନ୍ତ ଆବଶ୍ୟକତା ଆଜିକା ଦିନରେ ଏହି ବିଷୟର ପ୍ରାସଙ୍ଗିକତା ବହୁ ଅଧିକ । ଗୋଟିଏ ନିର୍ବାଚନ ମଣ୍ଡଳୀରେ ସଂଖ୍ୟାଧିକ ଭୋଟ ପାଇଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିବା ପଦ୍ଧତି ହେତୁ, ସାମ୍ପ୍ରତିକ ସ୍ଥିତିରେ, ୬୯ ପ୍ରତିଶତ ଭୋଟରଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ଦଳ ମଧ୍ୟ କ୍ଷମତା ହାସଲ କରିବାରେ ସକ୍ଷମ ହୋଇପାରିଛି । ତୃତୀୟ ସର୍ବାଧିକ ଭୋଟ ହାର ପାଇ ମଧ୍ୟ ବିହୁଜନ ସମାଜ ଦଳ ଗୋଟିଏ ହେଲେ ଆସନ ଜିତି ପାରିଲା ନାହିଁ, ଯେତେବେଳେକି ସ୍ୱଳ୍ପ ଭୋଟ ହାର ପାଇ ମଧ୍ୟ କେତେକ ଦଳ କିଛି କିଛି ଆସନ ହାସଲ କରିପାରିଛନ୍ତି । ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ମାଧ୍ୟମରେ ଏହି ଅସଙ୍ଗତି ଦୂର କରାଯିବା ଉଚିତ୍ । ଏହି ନିର୍ବାଚନରେ ଅର୍ଥବଳର ନଗ୍ନ ଅପପ୍ରୟୋଗ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଲା । ଏକ ଆକଳନ ଅନୁଯାୟୀ ବୃହତ ଦଳ ଗୁଡ଼ିକର ନିର୍ବାଚନୀ ଖର୍ଚ୍ଚ ୩୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ, ଯେଉଁଥିରେ କି କେବଳ ଗଣମାଧ୍ୟମରେ ଖର୍ଚ୍ଚ ପାଖାପାଖି ଦଶ ହଜାର କୋଟି ଟଙ୍କା । ନିର୍ବାଚନ କମିଶନ ଦ୍ୱାରା ଜବତ କରାଯାଇଥିବା ରାଶିର ପରିମାଣ ୧୦୦୦ କୋଟି ଟଙ୍କା । ୧୫ ତମ ଲୋକସଭାରେ ୩୦୫ କୋଟିପତି ସଦସ୍ୟ ଥିବା ବେଳେ ଷୋଡ଼ଶ ଲୋକସଭାକୁ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ କୋଟିପତି ସଦସ୍ୟଙ୍କ ସଂଖ୍ୟା ୪୪୯ ! ସାଂସଦମାନଙ୍କ ଦ୍ୱାରା ପ୍ରଦତ୍ତ ନିଜସ୍ୱ ସମ୍ପତ୍ତି ବିବରଣୀକୁ ଯଦି ବିଶ୍ୱାସ କରାଯାଏ, ତେବେ ସେମାନଙ୍କ ହାରାହାରି ସମ୍ପତ୍ତିର ପରିମାଣ ୧୭ କୋଟି ଟଙ୍କା ! ସେ ସମୟରେ ଭାରତ ବର୍ଷର ବାର୍ଷିକ ମୁଣ୍ଡ ପିଛା ଆୟ ୭୫ ହଜାର ଟଙ୍କା ହୋଇଥିବା ବେଳେ, ଏକ ତୃତୀୟାଂଶରୁ ଊର୍ଦ୍ଧ୍ୱ ଅଧିବାସୀ ସରକାରୀ ଭାବରେ ଧାର୍ଯ୍ୟ ଗରିବୀ ସୀମା ରେଖା ତଳେ ବସବାସ କରୁଛନ୍ତି । ନିଃସନ୍ଦେହ ଯେ ଅର୍ଥବଳ ନିର୍ବାଚନକୁ ଅନେକାଂଶରେ ପ୍ରଭାବିତ କରୁଛି ଏବଂ ଆଜି ଆମ ଦେଶ ଧନୀ ଲୋକଙ୍କ ନିୟନ୍ତ୍ରଣକୁ ଚାଲିଗଲାଣି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ତହବିଲରୁ ନିର୍ବାଚନ ଖର୍ଚ୍ଚ ପାଇଁ ବ୍ୟୟବରାଦ ବ୍ୟବସ୍ଥା ମାଧ୍ୟମରେ ଏଇ ଅସଙ୍ଗତିର ସଂଶୋଧନ କରି, ଅର୍ଥବଳର ପ୍ରାଦୁର୍ଭାବକୁ ଦୂର କରାଯାଇପାରିବ । ଏହା ମଧ୍ୟ ରାଜନେତା-ଅମଲାତନ୍ତ୍ର-ପୁଞ୍ଜିପତି ଶ୍ରେଣୀର ମଧୁଚନ୍ଦ୍ରିକାର ଅନ୍ତ ଘଟାଇବ । କିନ୍ତୁ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ କୌଣସି ପ୍ରକାରର ନିର୍ବାଚନୀ ସଂସ୍କାର ଚାହିଁବେ ନାହିଁ । ତେଣୁ ଏହି ବିଷୟକୁ ଜନ ଆନ୍ଦୋଳନ ମାଧ୍ୟମରେ ଦୃଢ଼ୀଭୂତ କରିବାକୁ ପଡ଼ିବ ।

ମୁଦ୍ରାସ୍ଫିତୀ ନିୟନ୍ତ୍ରଣ, ନିଯୁକ୍ତି ସୃଷ୍ଟି, ଜନସାଧାରଣଙ୍କ କ୍ରୟଶକ୍ତି ବୃଦ୍ଧି ମାଧ୍ୟମରେ ଅର୍ଥନୀତିର ଚାହିଦା ବୃଦ୍ଧି ଦିଗରେ ନୂତନ ସରକାର ଜରୁରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଜନସାଧାରଣ ଆଶା ରଖିଛନ୍ତି । ଲୋକମାନେ ଶାନ୍ତିର ସହିତ ସହାବସ୍ଥାନ କରିବା ପାଇଁ ସାମାଜିକ ଓ ସାମ୍ପ୍ରଦାୟିକ ସଦ୍‌ଭାବନା ଅତୁଟ ରଖିବା ଦିଗରେ ସରକାର ନିଶ୍ଚିତ ପ୍ରୟାସ ଜାରି ରଖିବେ ବୋଲି ସାଧାରଣ ଲୋକେ ଆଶା ପୋଷଣ କରୁଛନ୍ତି । କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଦ୍ୱାରା ଅନୁସୃତ ନବ୍ୟଉଦାରବାଦୀ ନୀତିର ବିଫଳତାରୁ ଶିକ୍ଷା ଗ୍ରହଣ କରି ବିକଳ୍ପ ନୀତି ପ୍ରଚଳନ କରିବା ପାଇଁ ନୂତନ ସରକାର କେତେଦୂର ଆଗ୍ରହୀ ହେବେ ତାହା ହିଁ ମୁଖ୍ୟ ପ୍ରସଙ୍ଗ । ଏତଦ୍‌ବ୍ୟତିତ, ରାମ ମନ୍ଦିର ନିର୍ମାଣ ଅଭିନ୍ନ ଦେଓୟାନୀ ବିଧି ଏବଂ ସମ୍ବିଧାନର ୩୭୦ ଧାରାର ସମ୍ପୂର୍ଣ୍ଣ ଉଚ୍ଛେଦ ପରି ମୌଳିକ ବିଷୟ ସମୂହର କାର୍ଯ୍ୟକାରି ହେବା ହିନ୍ଦୁତ୍ୱବାଦୀ ଶକ୍ତିମାନେ ଚାହିଁ ବସିଛନ୍ତି । ଆଗାମୀ ଦିନରେ ସରକାର କେଉଁ ରାସ୍ତା ଆପଣେଇବେ, ତାହା ନୂଆ ପ୍ରଧାନମନ୍ତ୍ରୀଙ୍କ ବଙ୍ଗାଳୀ ଭାଷାଭାଷୀ ମୁସଲମାନମାନଙ୍କ ପ୍ରତି ଆକ୍ଷେପ ଇଙ୍ଗିତ କରୁଛି । ଭାରତୀୟ ପୁଞ୍ଜିପତି ଗୋଷ୍ଠୀ ଓ ଆନୁଷ୍ଠାନିକ ବିଦେଶୀ ପୁଞ୍ଜି ନିବେଶକାରୀମାନେ ସେମାନଙ୍କ ଇସ୍ତାହାରକୁ କାର୍ଯ୍ୟକାରୀ କରିବା ପାଇଁ ମୋଦି ସରକାରଙ୍କୁ ବାଧ୍ୟ କରିବେ । ଅର୍ଥନୀତିର ଜାନ୍ତବ ଉତ୍ସାହର ପୁନଃଜାଗରଣ ପାଇଁ ପଦକ୍ଷେପ ଗ୍ରହଣ ନିମନ୍ତେ ସେମାନେ ଦାବୀ ଉପସ୍ଥାପନ କରିଛନ୍ତି । ସେମାନେ ଚାହାନ୍ତି - ସାମାଜିକ ସୁରକ୍ଷା କ୍ଷେତ୍ରରେ ଖର୍ଚ୍ଚକାଟ, ରାଷ୍ଟ୍ରାୟତ୍ତ ଅନୁଷ୍ଠାନ ସମୂହର ବିଲୋପ ଅଥବା ସଂକୋଚନ, ରାଷ୍ଟ୍ରାୟତ୍ତ କ୍ଷେତ୍ରର ଘରୋଇକରଣ ଏବଂ ଶ୍ରମ ସଂସ୍କାର ।

ନିର୍ବାଚନର ଫଳାଫଳ ବୀମା କର୍ମଚାରୀଙ୍କ ସମ୍ମୁଖରେ ବୃହତ ଆହ୍ୱାନ ସୃଷ୍ଟି କରିଛି । ସଂସଦରେ ବୀମା ଆଇନ (ସଂଶୋଧନ) ବିଲ୍‌କୁ ଗୃହୀତ କରାଇବା ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଗଲାଣି । ସମସ୍ତେ (ରାଷ୍ଟ୍ରାୟତ୍ତ ବୀମା) ମନେ ରଖିବା ଉଚିତ୍ ଯେ ଶିଳ୍ପର ସୁରକ୍ଷା, ନ୍ୟାଯ୍ୟ ମଜୁରୀ ସଂଶୋଧନ ଦାବୀ ହାସଲ ଏବଂ ବାକି ସାଥୀ କର୍ମଚାରୀଙ୍କ ପାଇଁ ଆଉ ଥରେ ପେନସନର ସୁଯୋଗ ହାସଲ କରିବାର ଲଢ଼େଇରେ ଆମମାନଙ୍କୁ ଅସୀମ ତ୍ୟାଗ କରିବାକୁ ପଡ଼ିବ । ଯଦି ଆବଶ୍ୟକ ହୁଏ, ଆମର ସଂଗ୍ରାମର ବିଜୟୀ ହେବାର ଦୃଢ଼ ବିଶ୍ୱାସ ସହିତ, ବୀମା କର୍ମଚାରୀ ସାଥୀ ଏହି ବଳିଦାନ ପାଇଁ ସବୁମତେ ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ ।

**ଯଦି ଗୁଜରାଟ ଢାଞ୍ଚା କାର୍ଯ୍ୟକାରୀ ହୁଏ ତେବେ ଶ୍ରମିକ ଶ୍ରେଣୀ ଦୀର୍ଘମିଆଦୀ ସଂଗ୍ରାମ ପାଇଁ ସଜାଗ ହୋଇ ରହିବା ଆବଶ୍ୟକ । ଏହି ଢାଞ୍ଚା ନିଶ୍ଚିତ ରୂପେ ଆକ୍ରମଣାତ୍ମକ ନବ୍ୟ ଉଦାରବାଦୀ ନୀତି ଓ ସାମ୍ପ୍ରଦାୟିକ ବାଦର ବହ୍ନି ସମ୍ମିଶ୍ରଣ ହେବ ।** ଏହି ଅବସ୍ଥାରେ ଆମ୍ଭେମାନେ କେବେ ହେଲେ ଦବି ଯିବା ଉଚିତ୍ ନୁହେଁ କିମ୍ବା ହତାଶ ଅଥବା ନିରାଶାବାଦ ହେବାର କୌଣସି କାରଣ ନାହିଁ । ଘୋର ଅନ୍ଧକାର ସମୟରେ, ସତ୍ୟ ନ୍ୟାୟ ସନ୍ଧାନେ ସଂଗ୍ରାମ କରିବାର ଅଧିକାର, ଆମମାନଙ୍କ ପାଖରୁ କେହି ବି ଛଡ଼ାଇ ନେଇ ପାରିବେ ନାହିଁ । ଆୟ ଜନିତ ବୈଷମ୍ୟକୁ ଦୂର କରି ପାରୁଥିବା, ଦେଶର ଗରିବ ଓ ଶ୍ରମିକଶ୍ରେଣୀକୁ ସୁହାଉଥିବା ଏବଂ ବିକାଶର ବିକଳ୍ପ ନୀତି ଆଧାରରେ, ଦେଶର ସମସ୍ତ ଖଟିଖିଆ ଶ୍ରମିକ ଶ୍ରେଣୀ ଓ ପ୍ରଗତିଶୀଳ ଶକ୍ତିମାନଙ୍କୁ ଏକତ୍ରିତ କରି ଏହି ସଂଗ୍ରାମକୁ ଆଗେଇନେବାକୁ ପଡ଼ିବ ।

ଭାଷାନ୍ତର : **ରଞ୍ଜିତ୍ ରାଉତ**, ସହ-ସମ୍ପାଦକ , **CDIEA**

## ON LEADERSHIP

The leadership & work in AIIEA, its units is not power but responsibility. It is a mission. It is a dream and dream of a society where human life and dignity are valued a society free from exploitation. The urgent necessity is to build the cadres on the basis of this understanding to take-up the responsibility of leading those great organisation.

***( Courtesy, Editorial, Insurance Worker July, Issue )***



# ବାମପନ୍ଥୀ ଦଳ ପାଇଁ ଦେଶ ବଡ଼

**ଗଜେନ୍ଦ୍ରନାଥ ମହାନ୍ତି,** ଉପସଭାପତି
**ଅଲ୍ ଇଣ୍ଡିଆ ଏଲ୍.ଆଇ.ସି. ପେନସନରସ୍ ଆସୋସିଏସନ୍**

୨୦୧୪ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଏକ ମାସ ରୁ ଉର୍ଦ୍ଧ୍ୱ ଅତିବାହିତ ହୋଇଗଲାଣି । ଏହି ନିର୍ବାଚନକୁ ନେଇ ବାମପନ୍ଥୀଦଳମାନଙ୍କ ଉପରେ ଗଣମାଧମରେ ଗାଳିବର୍ଷଣରେ କିନ୍ତୁ ପୂର୍ଣ୍ଣଛେଦ ପଡ଼ି ନାହିଁ । ନିର୍ବାଚନରେ ବାମପନ୍ଥୀ ଦଳମାନଙ୍କ ବିରୋଧରେ ଏହି ବିପର୍ଯ୍ୟୟ ପରେ ସେମାନଙ୍କର (ପ୍ରମୁଖ ଗଣମାଧମ) ସର୍ବଦା ଉତ୍ତୋଳିତ ଅସୀକୁ ଅଧିକ ଶାଣିତ କରିଛି । ସେମାନଙ୍କର ବିଷୋଦ୍‌ଗାରରେ ବିସ୍ମିତ ହେବାର କିଛି ନାହିଁ । କିନ୍ତୁ ଅନେକଙ୍କୁ ବିଶେଷତଃ ବାମପନ୍ଥୀ ଓ ପ୍ରଗତଶୀଳ ଜନଗଣଙ୍କୁ ବିସ୍ମିତ କରୁଛି ବାମପନ୍ଥୀ ଦଳମାନଙ୍କ କିଛି ଶୁଭେଚ୍ଛୁଙ୍କର ବିଷୋଦ୍‌ଗାର । ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ପରେ ପରେ ସେହିପରି ବିଷୋଦ୍‌ଗାର କରିଛନ୍ତି ଲୋକସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀ । ସେ ସି.ପି.ଆଇ. (ଏମ୍)ର ସର୍ବଭାରତୀୟ ନେତୃମଣ୍ଡଳୀକୁ ଇସ୍ତଫା ଦେବା ପାଇଁ ଆହ୍ୱାନ କରିଛନ୍ତି । **ତାଙ୍କ ପରି ଜଣେ ପୁରୁଖା ପ୍ରଗତିଶୀଳ ଚିନ୍ତାଶୀଳ ବ୍ୟକ୍ତି ନିର୍ବାଚନର ଫଳାଫଳକୁ ଏପରି ଉପରଠାଉରିଆ ଭାବେ ଦେଖି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ ।**

ଏହି ନିର୍ବାଚନକୁ ଅନେକେ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି । ସେପରି ବର୍ଣ୍ଣନା କରିବା ପଛରେ କାରଣଗୁଡ଼ିକ ମଧ୍ୟରେ ରହିଛି ଦେଶର ସାମ୍ବିଧାନିକ ଇତିହାସ ମଧ୍ୟରେ ପ୍ରଥମ ଥର ପାଇଁ କଂଗ୍ରେସ ବ୍ୟତୀତ ଆଉ ଗୋଟିଏ ଦଳ – ବିଜେପି–କେନ୍ଦ୍ରରେ ଏକାକୀ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିବା ସ୍ଥିତିରେ ପହଞ୍ଚିବା । ଶେଷ ଥର ପାଇଁ ୧୯୮୫ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ହୋଇଥିବା ନିର୍ବାଚନରେ କଂଗ୍ରେସ ଏକାକୀ ୫୪୨ରୁ ୪୦୫ଟି ଆସନରେ ଜିଣି ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା । ତା'ପରେ ଯେତେ ଥର ନିର୍ବାଚନ ହୋଇଛି – କୌଣସି ଦଳକୁ କେନ୍ଦ୍ରରେ ସରକାର ଗଢ଼ିବାକୁ ନିରୁଙ୍କୁଶ ସଂଖ୍ୟା ଗରିଷ୍ଠତା ମିଳି ନ ଥିଲା ଏବଂ ଦେଶରେ ମେଣ୍ଟ ସରକାରର ଅଧ୍ୟାୟ ଆରମ୍ଭ ହୋଇ ଅବ୍ୟାହତ ରହିଥିଲା । ୨୦୧୪ର ନିର୍ବାଚନ ସେହି ଅଧ୍ୟାୟର ଅବସାନ ଘଟାଇଛି – କେନ୍ଦ୍ରରେ ସରକାର ଗଢ଼ିବା ପାଇଁ ବିଜେପିକୁ ଲୋକ ସଭାରେ ୨୮୩ଟି ଆସନ ଦେଇ ନିରୁଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିବାର ସ୍ଥିତିରେ ପହଞ୍ଚାଇଛି । ବିଜେପିର ଏହି ସ୍ଥିତିରେ ପହଞ୍ଚିବା ବି କିପରି ସମ୍ଭବ ହୋଇଛି ? ସମ୍ଭବ ହୋଇଛି – ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ କରିବା ଯୋଗୁଁ । **ଏହି ନିର୍ବାଚନକୁ ନରେନ୍ଦ୍ର ମୋଦି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି କେନ୍ଦ୍ରିକ ବ୍ୟବସ୍ଥାରେ ହେଉଥିବା ନିର୍ବାଚନ ସ୍ତରକୁ ନେଇ ଯାଇଥିଲେ । ଏହିପରି ଏକ ନିର୍ବାଚନକୁ ଅତି ଗଭୀରକୁ ଯାଇ ସମୀକ୍ଷା କରାଯିବା ଦରକାର । ସେପରି ସମୀକ୍ଷା ନ କରି ଉପରଠାଉରିଆ ଭାବେ ମନ୍ତବ୍ୟ ଚିନ୍ତାଶୀଳ ବୁଦ୍ଧିଜୀବୀ ଏବଂ ପ୍ରବୀଣ ରାଜନୀତିଜ୍ଞମାନଙ୍କଠାରୁ ଆଶା କରାଯାଏ ନା ।**

ଯେମିତି ଗୋଟିଏ କଥା ଉଠୁଛି – ବାମପନ୍ଥୀଦଳ ବିଶେଷତଃ ସି.ପି.ଆଇ. (ଏମ୍) ତାର ନେତୃତ୍ୱ ପରିବର୍ତ୍ତନ କରିବା ଉଚିତ୍ । ଧରି ନିଅନ୍ତୁ ସି.ପି.ଆଇ. (ଏମ୍) ଗତ ନିର୍ବାଚନ ପୂର୍ବରୁ ତାର ନେତୃତ୍ୱ ପରିବର୍ତ୍ତନ କରିଥାଆନ୍ତା । ତା'ହେଲେ କ'ଣ ଏହି ନିର୍ବାଚନରେ ଫଳାଫଳ ସି.ପି.ଆଇ. (ଏମ୍) ବା ଅନ୍ୟ ବାମପନ୍ଥୀ ଦଳଙ୍କୁ ଆହୁରି ଉଜ୍ଜ୍ୱଳ କରି ଦେଇଥାଆନ୍ତା ? ଏହି ନିର୍ବାଚନର ଫଳାଫଳ ବିଜେପି ସପକ୍ଷରେ ଏପରି ଯିବା ପଛରେ ଯେଉଁସବୁ କାରଣ ରହିଛି, ସେ ଗୁଡ଼ିକୁ କ'ଣ ସି.ପି.ଆଇ. (ଏମ୍)ର ନେତୃତ୍ୱ ପରିବର୍ତ୍ତନ ଅନେକ ପରିମାଣରେ ଧୋଇ ଦେଇ ଥାଆନ୍ତା ? ସି.ପି.ଆଇ. (ଏମ୍)ର ନେତୃତ୍ୱ ପରିବର୍ତ୍ତନ କ'ଣ ମୋଦିଙ୍କୁ ବିଜେପି ପ୍ରଧାନମନ୍ତ୍ରୀ ପଦ ପାଇଁ ପାର୍ଥି ହେବାକୁ ଦେଇ ନ ଥାଆନ୍ତା ? ଏଇଟା କହିଲାବେଳେ ଲେଖକ କହୁନାହିଁ ଯେ କୌଣସି ଦଳର ନେତୃତ୍ୱ ଅପରିବର୍ତ୍ତନୀୟ । ଅତୀତରେ ସି.ପି.ଆଇ. (ଏମ୍)ର ନେତୃତ୍ୱରେ ପରିବର୍ତ୍ତନ ଘଟିଛି ଭବିଷ୍ୟତରେ ବି ହୋଇପାରେ । କିନ୍ତୁ ଯେଉଁମାନେ ନିର୍ବାଚନର ଫଳକୁ ଦେଖି ସି.ପି.ଆଇ. (ଏମ୍)ର ନେତୃତ୍ୱର ପରିବର୍ତ୍ତନ କଥା ଉଠାଇଛନ୍ତି ବା ଉଠେଇବେ ସେମାନଙ୍କୁ କହିବା କଥା ୨୦୧୪ର ନିର୍ବାଚନ ଓ ତା'ର ଫଳାଫଳ ସି.ପି.ଆଇ. (ଏମ୍)ର ନେତୃତ୍ୱ ଉପରେ ନିର୍ଭରଶୀଳ ନ ଥିଲା ।

ନିର୍ବାଚନର ଫଳାଫଳ ପରିଷ୍କାର କରି ଦେଇଛି ଯେ, ମୋଦି ହାୱା କ'ଣ ଥିଲା ? **ବିଶିଷ୍ଟ ଔପନ୍ୟାସିକ ତଥା ସମାଜବାଦୀ ଥିଙ୍କ୍ ଟ୍ୟାଙ୍କ ଡକ୍ଟର ବିଭୂତି ପଟ୍ଟନାୟକ ଲେଖିଛନ୍ତି – 'କରପୋରେଟ୍ ହାଉସର ଧନ ଏବଂ ଆର୍.ଏସ୍.ଏସ୍. ଧର୍ମ ପ୍ରଚାର ବଳରେ ମୋଦି ଆଜି ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି ।'** କଥାଟା ଏକଦମ୍ ଠିକ୍ । ନବ୍ୟଉଦାରବାଦୀନୀତିରୁ ପ୍ରାୟ ସମସ୍ତ ଫସଲ ନିଜ ନିଜ ଖଳାରେ ପୁରାଇଲା ପରେ ବି ଦେଶ ଓ ବିଦେଶର ମେଗା ପୁଞ୍ଜିପତିମାନେ ସନ୍ତୁଷ୍ଟ ନୁହନ୍ତି । ଛୋଟ ଛୋଟ ଉତ୍ପାଦନକାରୀଙ୍କ ଯତ୍‌ସାମାନ୍ୟ ରୋଜଗାରର ରାହାକୁ ଲୁଟିବା ପାଇଁ ସେମାନେ ପାଗଳ । ସେହି କାମରେ ବିଜେପିର ଆଉ କେହି ନୁହଁନ୍ତି ନିରେନ୍ଦ୍ର ମୋଦି ହିଁ ସେମାନଙ୍କୁ ସାହାଯ୍ୟ କରିପାରିବେ । କାରଣ ଗୁଜୁରାଟରେ ସେ ତାହା କରି ସେମାନଙ୍କୁ ଦେଖାଇଛନ୍ତି । ତା'ଛଡ଼ା ନରେନ୍ଦ୍ର ମୋଦି ଯେତେ ଶୀଘ୍ର ଆର୍.ଏସ୍.ଏସ୍. ସେନାନୀଙ୍କୁ ରଣକ୍ଷେତ୍ରରେ ଓହ୍ଲାଇ ଦେଇପାରିବେ ବିଜେପିର ଆଉ କେହି ନେତା ତାହା କରିପାରିବେ ନାହିଁ । ସେ ବିଷୟରେ ନରେନ୍ଦ୍ର ମୋଦିଙ୍କ ଚରିତ୍ର ପତ୍ରରେ କୌଣସି ମଳିଧୂଳି ନାହିଁ । ସେ ହେଉଛନ୍ତି ଆର. ଏସ. ଏସ.ର ହିନ୍ଦୁତ୍ୱ ପ୍ରୋଜେକ୍ଟର ଜଣେ ଅବିସମ୍ବାଦିତ ସେନାପତି । ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଇଂରାଜୀ ଦୈନିକ 'ଦି ଟାଇମସ୍ ଅଫ୍ ଇଣ୍ଡିଆ'ର ଅନ୍ୟତମ ମୁଖ୍ୟସ୍ତମ୍ଭର (ମେ ୧୭,୨୦୧୪) ଶିରୋନାମା ଥିଲା – ''India turns Right'' ''Landslide in favour of BJP and Modi can reshape established verties of national politics.'' ଭାରତର ଦକ୍ଷିଣ ମୋଡ଼ ଘଟିଛି । ବିଜେପି ଏବଂ ମୋଦିଙ୍କ ବିପୁଳ ବିଜୟ ଦେଶର ଜାତୀୟ ରାଜନୀତିର ପ୍ରଚଳିତ ବିଭିଧତାକୁ ନୂଆ ରୂପ ଦେବ ।

ଦେଶର ଦକ୍ଷିଣ ମୋଡ଼ କ'ଣ ? ଦକ୍ଷିଣ ମୋଡ଼ ହେଉଛି ମେଗା ଦେଶୀ ବିଦେଶୀ ପୁଞ୍ଜିପତିଙ୍କ ଇଚ୍ଛାରେ ଦେଶର ଅର୍ଥନୀତିର ପରିଚାଳନା ଏବଂ ସାମାଜିକ ପ୍ରଶ୍ନର ଗେରୁଆକରଣ । କେବଳ ମୋଦି ହିଁ ବିଜେପି ପାଇଁ ଓ ଦେଶର କରପୋରେଟ ଜଗତ ପାଇଁ ତାହା କରିପାରିବେ । କରପୋରେଟ

ଜଗତର ନିୟନ୍ତ୍ରଣରେ ଥିବା ଗଣମାଧ୍ୟମ, ଛପା ମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମମାନଙ୍କର ପ୍ରଚାର ମୋଦିଙ୍କୁ ବସ୍ତୁତଃ ଏକ ପୌରାଣିକ ଚରିତ୍ର (ମାଇଥୋଲୋଜିକାଲ ପୁରୁଷ)ରେ ପରିଣତ କରି ଦେଲା ।

ଆମ ଦେଶର ମଧ୍ୟବିତ୍ତ ଶ୍ରେଣୀ ହେଉଛି ଅତି ପ୍ରଭାବଶାଳୀ । ସେହି ଶ୍ରେଣୀ ଦିନେ ଦେଶର ସ୍ୱାଧୀନତା ସଂଗ୍ରାମର ଆଗ ଧାଡ଼ିରେ ଥିଲେ । ଆଜି ସେହି ଶ୍ରେଣୀର ଏକ ବିରାଟ ଅଂଶ ଉପରେ ତଥାକଥିତ ଗଡ଼ମେନ୍‌ମାନଙ୍କର ପ୍ରଭାବ ବହୁତ ବଢ଼ି ଯାଇଛି । ଗଡ଼ମେନ୍‌ମାନଙ୍କ ପାଖରେ ପ୍ରଚୁର ଅର୍ଥ ଜମା ହେଉଛି । ସେମାନେ ମଧବିତ୍ତ ଶ୍ରେଣୀର ଏପରି ଅଂଶର ମାନସିକତାକୁ କିଣି ନେଇଛନ୍ତି । ସେପରି କିଛି ଗଡ଼ମେନ୍ ଏଥର ନିର୍ବାଚନକୁ ପ୍ରକାଶ୍ୟରେ ଓହ୍ଲାଇ ପଡ଼ିଛନ୍ତି ଓ ଆଉ କେତେକ ପରୋକ୍ଷରେ ମୋଦିଙ୍କ ପାଁଇ ଢୋଲ ପିଟିଛନ୍ତି । ୨୦୧୪ ନିର୍ବାଚନରେ ମୋଦିଙ୍କ ସପକ୍ଷରେ ବୋହୁଥିବା ବତାସ ଅନେକ ବଡ଼ ବଡ଼ ଦ୍ରୁମକୁ ଧରଶାୟୀ କରିଛି । ଦେଶର ପ୍ରତିଟି ରାଜ୍ୟକୁ ସେହି ବତାସ ଯାଇଛି । ଓଡ଼ିଶାରେ ବିଧାନସଭା ପାଇଁ ହୋଇଥିବା ଭୋଟ ତୁଳନାରେ ଲୋକସଭା ପାଇଁ ବିଜେପିକୁ ପ୍ରାୟ ଆଠ ଲକ୍ଷ ଭୋଟ ଅଧିକ ମିଳିଛି । ଏପରି ସିଲେକଟିଭ ଭୋଟିଂ ଦେଶର ଶିକ୍ଷିତ ମଧବିତ୍ତ ଶ୍ରେଣୀର ମତାଦାତାଙ୍କ ମଧ୍ୟରୁ ଅନେକ କରିଥିବେ । ପଶ୍ଚିମବଙ୍ଗରେ ଲୋକସଭା ନିର୍ବାଚନରେ ବିଜେପିକୁ ଏଥର ପ୍ରାୟ ୧୭ ପ୍ରତିଶତ ଭୋଟ ମିଳିଛି । ୨୦୦୯ ନର୍ବାଚନରେ ତାକୁ ପ୍ରାୟ ୬ ପ୍ରତିଶତ ମିଳିଥିଲା ଯାହା ୨୦୧୧ ବିଧାନସଭା ନିର୍ବାଚନରେ ୪ ପ୍ରତିଶତକୁ ହ୍ରାସ ପାଇଥିଲା । ଚାରି ପ୍ରତିଶତରୁ ସତର ପ୍ରତିଶତ ବୃଦ୍ଧି । ଦେଖାଯାଉଛି ପ୍ରା ୨୬/୨୭ଟି ଆସନରେ ବାମଫ୍ରଣ୍ଟ ଓ ବିଜେପିର ଭୋଟ ମିଶିଲେ ତାହା ତୃଣମୂଳ କଂଗ୍ରେସ୍ ପାଇଥିବା ଭୋଟ ତୁଳନାରେ ଅଧିକ । ବିଜେପ ସପକ୍ଷରେ ଏତେ ଅଧିକ ଭୋଟ ପଶ୍ଚିମବଙ୍ଗରେ ପଡ଼ିବା ନିଶ୍ଚିତ ଭାବେ ମୋଦୀଙ୍କୁ ପ୍ରଧାନମନ୍ତ୍ରୀ ଗାଦିରେ ଦେଖିବା ପାଇଁ ମଧବିତ୍ତ ଶ୍ରେଣୀ ମଧ୍ୟରେ ଦେଶ ସାରା ସୃଷ୍ଟି କରାଯାଇଥିବା ଝୁଙ୍କର ପ୍ରତିଫଳନ ହୋଇପାରେ । ବୁର୍ଜୁଆଦଳ ଓ ନେତାମାନଙ୍କ ଠାରେ ବିବେକର ଦଂଶନ ପ୍ରାୟ ଦେଖିବାକୁ ମିଳି ନ ଥାଏ । ମୋଦି ପଶ୍ଚିମବଙ୍ଗ ଓ ଆସାମ ଏବଂ ଅନ୍ୟ ଉତ୍ତରପୂର୍ବ ରାଜ୍ୟ ମାନଙ୍କରେ ବାଂଲାଦେଶୀ ଶରଣାର୍ଥୀଙ୍କୁ ତଡ଼ିବା ପ୍ରଶ୍ନ ଯେପରି ଉଠାଇଲେ କୌଣସି ବାମପନ୍ଥୀ ଦଳ ବା ତାର ନେତାମାନେ ସେପରି କରିପାରିବେ ନାହିଁ । କାରଣ ବୁର୍ଜୁଆ ଦଳ ଓ ନେତାମାନଙ୍କ ପାଇଁ ଗୋଟିଏ ନିର୍ବାଚନ ସବୁ କିଛି । **କିନ୍ତୁ ବାମପନ୍ଥୀ ଦଳମାନଙ୍କ ପାଇଁ ଦେଶ ବଡ଼ । ସେମାନେ ଗୋଟିଏ ନିର୍ବାଚନ ପାଇଁ ତଳକୁ ଖସି ଯାଇପାରିବେ ନାହିଁ ।**

ନିର୍ବାଚନ ପରବର୍ତ୍ତୀ ସମୟରେ ଇଂରାଜୀ ପାକ୍ଷିକ 'ଫ୍ରଣ୍ଟଲାଇନ୍' (ଜୁନ୍ ୧୩, ୨୦୧୪)କୁ ଦେଇଥିବା ସାକ୍ଷାତକାରରେ ସି.ପି.ଆଇ. (ଏମ୍) ସାଧାରଣ ସମ୍ପାଦକ ପ୍ରକାଶ କାରାତ୍ କହିଛନ୍ତି – ''I think Left has failed to connect with the middle class and youth.'' ମଧ୍ୟବିତ୍ତ ଶ୍ରେଣୀ ଓ ଯୁବ ସମ୍ପ୍ରଦାୟକ ସହିତ ସମ୍ପର୍କ ସ୍ଥାପନ କରିବାରେ ବାମପନ୍ଥୀଦଳମାନେ ବିଫଳ ହୋଇଛନ୍ତି । ନବ୍ୟଉଦାରବାଦୀ ନୀତିର ଅନ୍ୟତମ ଏଜେଣ୍ଡା ହେଉଛି ଘରୋଇକରଣ । ଶିକ୍ଷାର ଘରୋଇକରଣ ହେଲା ପରେ କଲେଜମାନଙ୍କରେ ଛାତ୍ର ଆନ୍ଦୋଳନରେ ଭଟ୍ଟା ପଡ଼ିଯାଇଛି । ଛାତ୍ର ଆନ୍ଦୋଳନ ଓ ବୁନିଆଦୀ ପ୍ରଶ୍ନ ଉପରେ ଛାତ୍ର ଆନ୍ଦୋଳନ ରାଜନୈତିକ ଦଳମାନଙ୍କୁ ଭାବି କର୍ମୀ ଓ ନେତା ଯୋଗାଉଥିଲା । ସେହି ଆନ୍ଦୋଳନରେ ଯେଉଁ ପରି ଭଟ୍ଟା ପଡ଼ିଛି । ରାଜନୈତିକ ଦଳମାନଙ୍କୁ କର୍ମୀ ଓ ନେତା ପାଇବାରେ ଅସୁବିଧାରେ ପକାଉଛି । ବୁର୍ଜୁଆ ରାଜନୈତିକ ଦଳମାନେ ବିଶେଷତ ବଡ଼ ବଡ଼ ଦଳମାନେ ପଇସା ଓ ପ୍ରଲୋଭନର ପସରାମେଲା କରି ସେହି ଅସୁବିଧାକୁ ଅତିକ୍ରମ କରୁଛନ୍ତି – ଯାହା ବାମପନ୍ଥୀ ଦଳମାନଙ୍କ ପକ୍ଷରେ କଠିନ ବ୍ୟାପାର ହୋଇପଡ଼ିଛି ।

ଟ୍ରେଡ୍ ୟୁନିୟନ ଆନ୍ଦୋଳନ ବିଶେଷତଃ ସଙ୍ଗଠିତ କ୍ଷେତ୍ରର ଟ୍ରେଡ୍ ୟୁନିୟନ ଆନ୍ଦୋଳନ ବି ରାଜନୈତିକ ଦଳମାନଙ୍କୁ କର୍ମୀ ଯୋଗାଉଥିଲା ସଙ୍ଗଠିତ କ୍ଷେତ୍ରଗୁଡ଼ିକର ସଂଖ୍ୟା ହ୍ରାସ ଏବଂ ନୂତନ ନିଯୁକ୍ତି ନ ଥିବାରୁ ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନ ଗୁଡ଼ିକ ବି ଗୁରୁତର କର୍ମୀ ଅଭାବ ଭଳି ସଂକଟରେ ପଡ଼ିଛନ୍ତି । ଠିକା ଶ୍ରମିକ ନିଯୁକ୍ତି ଓ ଆଉଟସୋର୍ସିଂ ଆଦି ନବ୍ୟଉଦାରବାଦୀ ନୀତିର ମାନସ ସନ୍ତାନ ଟ୍ରେଡ୍ ୟୁନିୟନ ଆନ୍ଦୋଳନ ପାଇଁ କର୍ମୀ ଯୋଗାଡ଼ କରିବାରେ ବାଧକ ସାଜିଛି । ତେଣୁ ରାଜନୈତିକ ଦଳମାନେ କର୍ମୀ ପାଇବେ କେଉଁଠୁ ? **ବଡ଼ ବଡ଼ ବୁର୍ଜୁଆ ରାଜନୈତିକ ଦଳମାନେ ଯେଉଁ ବାଟରେ ନିର୍ବାଚନ ବୈତରଣୀ ଅତିକ୍ରମ କରିପାରୁଛନ୍ତି – ବାମପନ୍ଥୀ ଦଳମାନେ ସେ ବାଟରେ ଯାଇପାରିବେ ନାହିଁ । ବାମପନ୍ଥୀଦଳ ପାଇଁ କ୍ଷମତା ଗାଦି ଅପେକ୍ଷା ଦେଶର ପ୍ରଗତି, ଅଭିବୃଦ୍ଧି ତଥା ଐକ୍ୟ, ଅଖଣ୍ଡତା ଅଧିକ ଗୁରୁତ୍ୱପୂର୍ଣ୍ଣ ।**

# ଅବଶେଷେ ...

**ସତ୍ୟନାରାୟଣ ଗନ୍ତାୟତ**
**ରାୟଗଡ଼ା ବେସ୍, ବି.ଡ଼ି.ଆଇ.ଇ.ଏ.**



ଜାଣେ
ବିକ୍ରୀ ହୋଇ ଯାଉଛି ମାଟି
ମୋ ପାଦ ତଳର
ଶୂନ୍ୟରେ ଝୁଲୁଥିବା ଖଣ୍ଡା
ଛିଡ଼ିଯିବ କେଉଁ ମୂହୁର୍ତ୍ତରେ
ମୋ ମୁଣ୍ଡ ଉପରେ !
କିଣିବାକୁ ପଡ଼ିବ ପବନ
ପ୍ରଶ୍ୱାସ ଓ ନିଃଶ୍ୱାସ ପାଇଁ
ପିଇବାକୁ ପୋଷେ ପାଣି ବି ମିଳିବା
ସହଜ ହୋଇ ନ ପାରେ !!
ହରାଇ ସାରିବା ପରେ
ମୋର ବୋଲିଥିଲା ଯାହା କିଛି
ଅବଶେଷେ
ଏବେ ମୁଁ ମୂକ
ମୋ ମଗଜ, ମୋ କଥା
କେହି ମୋଠୁ
ଛଡ଼ାଇ ନେଇଛି ।।
ଜାଣେ
କିଛି ଆଉ କରାଯାଇ ନ ପାରେ
ସାମ୍ନାରେ ମୋ
ଅଟ୍ଟହାସ୍ୟ କରୁଥିବା, ବଜ୍ଜାତ୍ ସମୟ ମୁହଁରେ
ହାତ ମୋର ମୁଠା କରି
ଶେଷ ଥର ଲାଗି ଯାହା
ମୁଠଟିଏ ମରାଯାଇ ପାରେ !!

❖❖❖



# ବିଜ୍ଞାପନ ଭେଲିକିର ବଶୀଭୂତ ଆମ ସଂସ୍କୃତି

**ବାମଦେବ ମିଶ୍ର, ଯୁଗ୍ମ ସମ୍ପାଦକ, OSGIEA**

ଭାରତ ବର୍ଷ ପୃଥିବୀର ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତାନ୍ତ୍ରିକ ପଦ ମର୍ଯ୍ୟାଦା ବଜାୟ ରଖିଥିବାରୁ ଦେଶ ବିଦେଶରେ ଆମର ସୁନାମ ମଧ୍ୟ ଅଛି । ଭାରତର ଅନ୍ୟ ଏକ ଅନନ୍ୟ ବୈଶିଷ୍ଟ୍ୟ ହେଲା ବିଭିନ୍ନତା ମଧ୍ୟରେ ଏକତା, ଆମ ପର୍ବ ପର୍ବାଣୀ ବଳିଷ୍ଠ ସାହିତ୍ୟ ସଂସ୍କୃତି ଏବଂ ଧର୍ମ ଉପରେ ଆଧାରିତ ହେଲେ ମଧ୍ୟ କିଛି ପରିମାଣରେ ବିଜ୍ଞାନ ସମ୍ମତ ଏବଂ ପାଣି ପାଗ ଉପରେ ପର୍ଯ୍ୟବେଶିତ । କିନ୍ତୁ ମୁକ୍ତ ବଜାର ଅର୍ଥନିତୀ ପ୍ରଭାବରେ ପ୍ରଭାବିତ ହୋଇ ଆମର ସେ ସମସ୍ତ ଐତିହ୍ୟ ବ୍ୟବସାୟୀମାନଙ୍କ ବ୍ୟବସାୟ କାରବାରର ମାଧ୍ୟମ ପାଲଟି ଯାଇଛି ।

କେଉଁ ଖେଳ ଜାତୀୟ ସ୍ତରଠାରୁ ଆରମ୍ଭ କରି ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ସର୍ବଜନ ଆଦୃତ ହୋଇ ପାରିବ, କେଉଁ ପର୍ବ ପର୍ବାଣୀ, ସାହିତ୍ୟ, ସଂସ୍କୃତି କେତେ ଲୋକ ପ୍ରିୟ ହେବ କିମ୍ବା କିଏ ତା ଅସ୍ତିତ୍ୱ ହରାଇବ ତାହା ନିର୍ଭର କରୁଛି ବ୍ୟବସାୟୀମାନଙ୍କ ବ୍ୟବସାୟ ମନୋବୃତ୍ତି ଉପରେ । ଏହି ଦେଖନ୍ତୁ ଗହ୍ମା ପୂର୍ଣ୍ଣିମୀ ବା ବଳଦେବ ଜନ୍ମ । ଏହା ଓଡ଼ିଶାର ଏକ ବହୁ ପୁରାତନ ପର୍ବ । କିନ୍ତୁ ବର୍ତ୍ତମାନ ତା'ର ପରିବର୍ତ୍ତନ ଘଟି ସେ ପୁରାତନ ପର୍ବ ରାଖୀ ପୂର୍ଣ୍ଣିମୀରେ ପରିଚୟ ପାଇଛି । ଏହା ମାଧ୍ୟମରେ ଭାଇ ଭଉଣୀର ମଧୁର ସମ୍ପର୍କକୁ ରାଖୀ ଏବଂ ଉପହାର ଦ୍ୱାରା ପରଖା ଯାଉଛି । କିନ୍ତୁ ପ୍ରକୃତ କଥା ହେଲା ବଳଦେବ ଜନ୍ମରେ ବଳଦଙ୍କୁ ପିଠା ଦେଲେ ବ୍ୟବସାୟଙ୍କ ପେଟ ପୁରିବ ନାହିଁ । ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଲେ ଏବଂ ଭାଇ ଭଉଣୀଙ୍କୁ ଉପହାର ଦେଲେ ବ୍ୟବସାୟୀଙ୍କ ପେଟ ପୁରିବ ଏବଂ ସେମାନେ କୋଟି କୋଟି ଟଙ୍କାର ମୁନାଫା କମାଇବେ ।

ସୁସଜ୍ଜିତ ବାହୁଙ୍ଗିରେ ପାଣି କଳସି ଧରି ହଜାର ହଜାର ସଂଖ୍ୟକ ପୁରୁଷ ଓ ମହିଳା କାଉଡ଼ିଆ ମାନସିକ କରିଥିବା ନିର୍ଦ୍ଦିଷ୍ଟ ଶିବ ଉପରେ ପାଣି ଢାଳିବାକୁ ଯାଉଥିବାର ଆମେ ସମସ୍ତେ ଦେଖିଥିବା । ଉଲ୍ଲେଖ ଯୋଗ୍ୟ ଯେ ଅଶ୍ଳିଳ ମିଶା ଶିବ ସ୍ତୁତି ଗାନ କରି ରାସ୍ତା ଅବରୋଧ କରି ଯାଉଥିବା ଅଧିକାଂଶ କାଉଡ଼ିଆ ମାନଙ୍କ ଠାରେ ଭକ୍ତି ଏବଂ ବରପ୍ରାପ୍ତି ଅପେକ୍ଷା ସୁନ୍ଦର ପାଣି ମାଠିଆ, ଗେରୁଆ ପୋଷାକ ଏବଂ ସୁସଜ୍ଜିତ ବାହୁଙ୍ଗିର ଗୁରୁତ୍ୱ ବେଶି ଥାଏ । କାରଣ ଭକ୍ତି ଭାବରେ ସ୍ଥାନ ନିଏ ବ୍ୟବସାୟୀମାନଙ୍କର ପ୍ରତିଯୋଗିତା ମୂଳକ ବିଜ୍ଞାପନ ଏବଂ ଆମ ପକେଟ୍ କଣା କରି କୋଟି କୋଟି ଟଙ୍କା ରୋଜଗାର କରିବାର ମୋହ । କିନ୍ତୁ ଏହା ନିବିଡ଼ ସତ୍ୟ ଭକ୍ତମାନେ ଚାହିଁଲେ ସେମାନଙ୍କ ନିଜ ଗ୍ରାମର ଶିବ ମନ୍ଦିରକୁ ଯାଇପାରିବେ ଏବଂ ସେଥିପାଇଁ ବାହୁଙ୍ଗି କିମ୍ବା ପୋଷାକ ଆବଶ୍ୟକ ନାହିଁ କାରଣ ସେମାନଙ୍କ ମତରେ ଈଶ୍ୱର ସବୁଠାରେ ବିଦ୍ୟମାନ । ଧନତରାଶରେ ସୁନା କିଣିଲେ ଧନ ବଢ଼େ । କିନ୍ତୁ ଆମର ଏହି (ଅନ୍ଧ) ବିଶ୍ୱାସକୁ ଅସ୍ତ୍ର କରି ଗୋଟିଏ ଦିନରେ ଯେଉଁ କୋଟି କୋଟି ଟଙ୍କାର ବ୍ୟବସାୟ ହୁଏ ସେଥିରେ ଆମର କଷ୍ଟ ଉପାର୍ଜିତ ଅର୍ଥ ବଦଳରେ ଆମେ ପାଉଥିବା ବସ୍ତୁ କେତେ ଅସଲି ସେ କଥା ଭାବିବାର ମଧ୍ୟ ଆମର ସମୟ ନ ଥାଏ । ହୋଲି ପର୍ବ କଥା ଦେଖାଯାଉ । ତାହା ଏକ ପୌରାଣିକ କଥା ବସ୍ତୁ ଉପରେ ଆଧାରିତ । ତାହା ଏଠାରେ ଆଲୋଚନା ହେଉନାହିଁ । କିନ୍ତୁ ଭାରତୀୟ ଜଳବାୟୁ ସହିତ ସମ୍ବନ୍ଧିତ ଏହି ପର୍ବରେ ହୋଲି ଅବିର ଦେହରେ ବାଜିଲେ ଚର୍ମରୋଗ ହୁଏ ନାହିଁ ବୋଲି ବିଶ୍ୱାସ ଅଛି । କିନ୍ତୁ ଆଜି କାଲି ବିଜ୍ଞାପନ ମାଧ୍ୟମରେ କୋଟି କୋଟି ଟଙ୍କାର ହୋଲି ଉପଲକ୍ଷେ ଯେଉଁ ବେପାର ହେଉଛି ତାହା କ'ଣ ଆମ ଦେହ ପ୍ରତି ହିତକାରକ ?

ଦଶହରା, କାଳୀପୂଜା, ରଜପର୍ବ, ପ୍ରଥମାଷ୍ଟମୀ, ନୂଆଁଖାଇ ଇତ୍ୟାଦି ଜାତୀୟ ଏବଂ ବିଭିନ୍ନ ଆଞ୍ଚଳିକ ସ୍ତରରେ ଗଣ ପର୍ବ ହିସାବରେ ପାଳିତ ହୁଏ । କିନ୍ତୁ ଏହି ଅବସରରେ ପ୍ରଚାର ସାହାଯ୍ୟରେ ରିହାତିର ଭେଳିକି ଦେଖାଇ ଏକ କୃତ୍ରିମ ଗ୍ରାହକ ପ୍ରବଣତା ସୃଷ୍ଟି କରି ଅଧିକ ବିକ୍ରି କରିବାର ଲକ୍ଷରେ ବ୍ୟବସାୟୀମାନେ ଲାଗିପଡ଼ନ୍ତି । ଭାଲେଣ୍ଟାଇନ୍ସ୍ ଡେ ପିତୃ ଦିବସ, ମାତୃ ଦିବସ, ଗୋଲାପ ଦିବସ ଇଂରାଜୀ ନୂଆ ବର୍ଷ ଇତ୍ୟାଦି ଜଗତି କରଣ ମାଧ୍ୟମରେ ଦାନସୁତ୍ରରେ ଆମକୁ ମିଳିଛି ବ୍ୟବସାୟର ପ୍ରସାର ଘଟାଇବା ପାଇଁ । ଏହି ଦିନମାନଙ୍କରେ ବିଭିନ୍ନ ଉପଭୋଗର ସୁବିଧା ଦେବା ପାଇଁ ବିଭିନ୍ନ ପାର୍କ ଓ ହୋଟେଲ୍ ମାନଙ୍କରେ ସାଜସଜ୍ଜା, ସ୍ୱତନ୍ତ୍ର ବ୍ୟବସ୍ଥା ସାଙ୍ଗକୁ ବିଭିନ୍ନ ଉପହାରର ବିଜ୍ଞାପନ ମାଧ୍ୟମରେ ଉପଭୋଗର ମାନସିକତା ଜୋର ଜବରଦସ୍ତ ଗ୍ରାହକମାନଙ୍କ ମନରେ ଭର୍ତ୍ତି କରି ଦିଆଯାଇ କୋଟି କୋଟି ଟଙ୍କାର କାରବାର ହୁଏ । ଶେଷରେ ଛାଡ଼ ଖାଇ ମଧ ବ୍ୟବସାୟୀମାନଙ୍କ ଲୋଲୁପ ଦୃଷ୍ଟିରୁ ଛାଡ଼ ପାଇ ନାହିଁ । ୭ ଦିନ ହବିସ ପାଳିଲାପରେ ଛାଡ଼ ଖାଇର କୃତ୍ରିମ ପ୍ରଚାର ସୃଷ୍ଟି କରି ବିଭିନ୍ନ ହୋଟେଲ ମାନଙ୍କରେ ବିଭିନ୍ନ ନୂତନ ସ୍ୱାଦର ଖାଦ୍ୟ ବିଜ୍ଞାପନ ଦେଇ ପନି ପରିବାର କୃତ୍ରିମ ଅଭାବ ସୃଷ୍ଟି କରି ଲୋକଙ୍କୁ ଶୋଷଣ କରାଯାଏ ।

ଏବେ ଦେଖିବା ଶିକ୍ଷା, ସ୍ୱାସ୍ଥ୍ୟ ବାସଗୃହ ଇତ୍ୟାଦି ପ୍ରାଥମିକ ଆବଶ୍ୟକ ତା ବିଷୟରେ । କେଉଁ ଘରୋଇ ଅନୁଷ୍ଠାନ କେତେ ଉଚ୍ଚମାନର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ପାରୁଛି ଏବଂ କେତେ ଉପଯୁକ୍ତ ଦାମ୍‌ରେ ବାସଗୃହ ଦେଇ ପାରୁଛନ୍ତି ସେ ମାନଦଣ୍ଡ ନିର୍ଦ୍ଧାରଣ କରିବାର ସୁଯୋଗ ସେବା ଗ୍ରହିତା ବା କ୍ରେତା ପାଖରେ ନ ଥାଏ । **କିନ୍ତୁ ଯେଉଁ ଘରୋଇ ସଂସ୍ଥା ଯେତେ ଉଚ୍ଚମାନର ବିଜ୍ଞାପନ ଦେଇ ପାରିବ, ଯେତେ ମିଠା କଥା କହି ଗ୍ରାହକଙ୍କୁ କିଣି ପାରିବ ସେ ହେଉଛି ଉତ୍ତମ ସଂସ୍ଥା । ତେଣୁ କଙ୍କଣ ଲୋଭରେ ବ୍ରାହ୍ମଣ ବାଘର ଶିକାର ହେଲା ଭଳି ବିଜ୍ଞାପନ ଭେଳିକିରେ ବଶୀଭୂତ ସାଧାରଣ ଜନତା ସେହି ଫାନ୍ଦର ଫଶିଯାଏ ଯେ ବଞ୍ଚିବାର ରାହା ନ ଥାଏ ।** କୌଣସି ସରକାରୀ ସଂସ୍ଥା ବିଜ୍ଞାପନ ମାଧ୍ୟମରେ ନିଜକୁ ଭଲ ବୋଲି ପ୍ରଚାର କରେନା । ବରଂ ଘରୋଇ ସଂସ୍ଥାମାନେ ସରକାରୀ ସଂସ୍ଥା ସହିତ ପ୍ରତିଯୋଗିତା କରିବା ଅବସ୍ଥାରେ ନ ଥିବାରୁ ବିଜ୍ଞାପନ ପ୍ରଚାରର ସାହାରା ନିଏ ଏବଂ ସେହି ବିଜ୍ଞାପନରେ ବଶବର୍ତ୍ତୀ ସାଧାରଣ ଜନତା ସରକାରୀ ସଂସ୍ଥାକୁ ହୀନ ଦୃଷ୍ଟିରେ ଦେଖେ ।

ଯାହାର ଜ୍ୱଳନ୍ତ ଉଦାହରଣ ଚିଟ୍‌ଫଣ୍ଡ୍ ସଂସ୍ଥାମାନଙ୍କର ପ୍ରଚାର । ସେମାନଙ୍କ ପ୍ରଚାର ତଥା ଅଧିକ ରିଟର୍ଣ୍ଣର ପ୍ରତିଶ୍ରୁତିର ଶୀକାର ହୋଇ ଲକ୍ଷ ଲକ୍ଷ ଜନତା ତାଙ୍କର କଷ୍ଟାର୍ଜିତ ସଞ୍ଚୟ ହରାଇଛନ୍ତି । ଏଣୁ ଆମ୍ଭେମାନେ ବିଜ୍ଞାପନ ଭେଳିକରେ ବଶୀଭୂତ ନ ହୋଇ ନିଜସ୍ୱ ଭାବନା ଦ୍ୱାରା ସବୁକଥା ସମୀକ୍ଷା କରିବା ଉଚିତ୍ ।



# ମଜୁରୀ ସଂଶୋଧନ

**ସଚ୍ଚିଦାନନ୍ଦ ବେହେରା , ଉପସଭାପତି, CDIEA**

ଆମ ଶିଳ୍ପରେ ମଜୁରୀ ସଂଶୋଧନ ୧.୮.୨୦୧୨ରୁ ହେବା କଥା । ଆମ ସଙ୍ଗଠନ AIIEA ତା'ର ଦାବୀ ପତ୍ର ତା ୨.୮.୨୦୧୨ରିଖରେ ଚେୟାରମ୍ୟାନ୍ ପାଖରେ ଦାଖଲ କରିଛି ସେହିପରି GIC Chairman କୁ ୧.୮.୨୦୧୨ରେ ଦାଖଲ କରିଛି । ଅଦ୍ୟାବଧି ପାଖାପାଖି ୨ ବର୍ଷ ଅତିକ୍ରାନ୍ତ ହେବାକୁ ଯାଉଛି । ଏ ପର୍ଯ୍ୟନ୍ତ LIC କିମ୍ବା GIC ତରଫରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିନାହିଁ । ପାର୍ଲ୍ୟାମେଣ୍ଟରେ Insurance Laws Amendment Bill ପଡ଼ିରହିଛି । ସଙ୍ଗଠନର ନିଷ୍ପତ୍ତି ଅନୁଯାଇ ଆମକୁ ଧାରାବାହିକ ଭାବରେ କେତେଗୁଡ଼ିଏ ଆନ୍ଦୋଳନାତ୍ମକ ପଥ ଅବଲମ୍ବନ କରିବା ସହିତ ସଙ୍ଗଠନକୁ ସାମଗ୍ରିକ ଭାବରେ ସଙ୍ଗଠିତ କରିବାକୁ ପଡ଼ିବ ।

୧) ପ୍ରତ୍ୟେକ Divisional Centre ରେ Trade Union Class କରିବାକୁ ପଡ଼ିବ ।

୨) ମହିଳାମାନଙ୍କର ମଧ୍ୟ ସ୍ୱତନ୍ତ୍ର ଭାବରେ Trade Union Class କରିବାକୁ ପଡ଼ିବ ।

୩) ପ୍ରତ୍ୟେକ ରାଜ୍ୟରେ Women Convention ଯୌଥ ଭାବରେ କରିବାକୁ ପଡ଼ିବ ।

୪) ପ୍ରତ୍ୟେକ Divisional Centre ରେ ସଭ୍ୟମାନଙ୍କର (Membership Register) update କରିବାକୁ ପଡ଼ିବ ।

୫) ସଭ୍ୟ ଚାନ୍ଦା ନିୟମିତ ଭାବରେ ଆଦାୟ କରିବା ସହିତ A/cs Return ନିୟମିତ ଭାବରେ ହେଡ୍‌କ୍ୱାର୍ଟସକୁ ପଠାଇବାକୁ ପଡ଼ିବ ।

ବର୍ତ୍ତମାନ ପରିସ୍ଥିତିରେ ମଜୁରୀବୃଦ୍ଧି ସହଜ ହେବ ନାହିଁ କାରଣ Banking ଶିଳ୍ପରେ ଅନେକ ଥର ଆଲୋଚନା ହେବା ପରେ ମଧ୍ୟ IBA ୧୧% Offer ଦେଇଛି । କିନ୍ତୁ ବୀମା ଶିଳ୍ପରେ ଥରଟିଏ ମାତ୍ର Information Sharing Session ଡକାଇ ଆମଠାରୁ କିଛି Existing Right କାଢ଼ି ନେବା ପାଇଁ ଚେଷ୍ଟା ଚଳାଇଛନ୍ତି । ଯଥା – Mobility Policy ପ୍ରଚଳନ କରିବା, Biometric attendance ପ୍ରଚଳନ କରିବା ଇତ୍ୟାଦି ।

ସେଥିପାଇଁ ଏଥରର ମଜୁରୀ ସଂଶୋଧନ ଆମ ପାଇଁ ବହୁ କଷ୍ଟକର ହେବ ।

❖❖❖



# ସଂଗ୍ରାମ ମଇଦାନକୁ ପରିବର୍ତ୍ତନ ପାଇଁ

**ନିରଞ୍ଜନ ନାହାକ, ସହ-ସମ୍ପାଦକ, BDIEA,** ବ୍ରହ୍ମପୁର

ଶୁଣ ଶୁଣ ବୀମା ସାଥୀ ବୀମାଧାରୀ ଶୁଣ ମନ ଦେଇ
ଏ ଯୁଗର କଥାକୁ ସୁନ୍ଦରଗୀତେ ଲେଖିଅଛି ଭାଇ
ବିଦେଶୀ କବଳୁ କଷ୍ଟ ସହି ଆମେ ସ୍ୱାଧିନ ହେଲୁ ଭାଇ
ଗଣତନ୍ତ୍ର ପ୍ରତିଷ୍ଠା ହୋଇଅଛି ଦେଶବାସୀଙ୍କ ପାଇଁ
ଦିନେ ଏ ଦେଶ ଏଇ ମାଟି ଥିଲା
ଶସ୍ୟ ଶ୍ୟାମଳା ହୋ ଭାଇ
ଆମ ଦେଶ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ହେଲାଣି ଭାଇ ।
କହୁଥିଲେ ଉ.ପା. ଭଲ, ଉ.ପା. ଭଲ ବୋଲି ଭାଇ
ବଳାତ୍କାର, ଭ୍ରଷ୍ଟାଚାର, ବେରୋଜଗାର ବଢ଼ିଛି ହୁହୁ ହୋଇ
କଳା ଟଙ୍କା ବିଦେଶୀ ବ୍ୟାଙ୍କରେ ଜମା ରଖିଛନ୍ତି ହେ ଭାଇ
ଜମା କଳାଟଙ୍କା ଉଦ୍ଧାର କାର୍ଯ୍ୟ ଏ ପର୍ଯ୍ୟନ୍ତ ହୋଇ ନାହିଁ ।
ଏଇ ଦେଶ ନେତା ଶୋଇଛନ୍ତି କୁମ୍ଭକର୍ଣ୍ଣ ନିଦ୍ରାରେ ଭାଇ
ଆଜି ଏମାନଙ୍କୁ କିଏ ଉଠ, ବସ୍ କରି ନଚାଇବ ଭାଇ
ଦେଶ ଆଜି ଋଣଗ୍ରସ୍ତ, କୃଷକ ମରନ୍ତି ଆତ୍ମାହୁତି ଦେଇ
ଶ୍ରମିକ, କୃଷକ ମଜଦୁରଙ୍କ ପ୍ରତି ଟିକେ ଦରଦ ବି ନାହିଁ ।
କୁକୁର୍ମିମାନ ଯୋଗୁ ଉପା – ୨ ବୁଡିଲା ଯେ ଭାଇ
ପୁଣି ଥରେ କହିଲେ ମୋଦି ଭଲ, N.D.A. ତାଙ୍କର ହେ ଭାଇ
ଆଜି ଦେଶର ସାମାଜିକ ବ୍ୟବସ୍ଥା ଭୁଷୁଡ଼ିଲାଣି ଯେ ଭାଇ
ଭଲ କହନ୍ତି ଓଲଟା କରନ୍ତି ମୁନାଫା ଲୁଟିବା ପାଇଁ
ମନ୍ତ୍ରୀଙ୍କ ହୃଦୟ କାନ୍ଦେ ବିଦେଶୀ କମ୍ପାନୀଙ୍କ ପାଇଁ
ଦେଶର ଗରିବ ଭୋକିଲାଙ୍କ ଦୁଃଖ ନେତା ଜାଣନ୍ତି ନାହିଁ
ନେତାଙ୍କ ପାଖେ ଟିକେ ସେବା, ତ୍ୟାଗ ବୋଲି କିଛି ନାହିଁ
ଦେଶୀ ବିଦେଶୀଙ୍କୁ N.D.A. ମୋଦି ସାହା ହୋଇଛନ୍ତି ଭାଇ
ସଂସଦ ଭବନେ ମନ୍ତ୍ରୀ ସାଂସଦ କୋଟିପତିଙ୍କୁ ଲଗାମ ନାହିଁ
କାହିଁକି ହୋ ଭଲା ସଦା ସର୍ବଦା ହେଉଛୁ ହାଇଁ – ପାଇଁ
ଜନତାଙ୍କ ନେତା ଏଦେଶ ମାଟିରେ ନୃତ୍ୟ, ଗୀତ ରତ ଭାଇ
ଆମରୀ ପେଟେ ଦାନା ନାହିଁ କିମ୍ବା ଦେହେ କନା ଯେ ନାହିଁ
ଆମେ ତ ଏ ଦେଶ ମାଟିର ଅଲୋଡ଼ା ସନ୍ତାନ କି ହେ ଭାଇ
ଦୁଇ ଦଳଙ୍କ ନୀତି, ଗତି, ବିଧି ଏକା ଏକା ଭଳି ଭାଇ
ଜୟ ହିନ୍ଦ କହି ଗରିବ ରାଷ୍ଟ୍ର ଧନୀ ହେବ କି ହେ ଭାଇ
ହେ ସର୍ବହରା, ଖଟିଖିଆ, ଭୋକିଲା ଯେତେ ଏକ ହୋଇ
ସଂଗ୍ରାମର ମଇଦାନକୁ ଓହ୍ଲାଅ ପରିବର୍ତ୍ତନ ପାଇଁ ।

❖❖❖



# AIIEAର ସମ୍ପାଦକ ମଣ୍ଡଳୀ ଓ ECZIEAର କାର୍ଯ୍ୟକାରୀ ବୈଠକରେ ଆଲୋଚନା ଓ ନିଷ୍ପତ୍ତି

ରଞ୍ଜିତ୍ ରାଉତ, ସହ ସମ୍ପାଦକ, CDIEA

- **୪୦% ମଜୁରୀ ବୃଦ୍ଧି ଆଦାୟ ନିମନ୍ତେ ସଂଗ୍ରାମକୁ ଅଧିକ ତିବ୍ରତର କରିବା ।**
- **ବୀମାଶିଳ୍ପରେ ଏଫ୍.ଡ଼ି.ଆଇ. ସୀମା ବୃଦ୍ଧି ବିରୁଦ୍ଧରେ ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ସୁରକ୍ଷା ପାଇଁ ଅନ୍ଦୋଳନ ଓ ପ୍ରଚାର ଅଭିଯାନ ଚାଲୁ ରଖିବା ।**
- **ଆଉ ଏକ ପେନସନ୍ ଅପସନ୍ ପାଇଁ ସଂଗ୍ରାମ ଜାରି ରଖିବା ।**

ଷୋଡ଼ଶ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣାର ଠିକ ପରେ ପରେ, ୨୫-୨୬ ମେ, ୨୦୧୪ ଦୁଇ ଦିନ ଧରି ହାଇଦ୍ରାବାଦରେ ଆମର ସର୍ବଭାରତୀୟ ସଙ୍ଗଠନର ସମ୍ପାଦକମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଥିଲା । ସାଥୀ ଅମାନୁଲ୍ଲା ଖାଁଙ୍କର ସଭାପତିତ୍ୱର ହୋଇଥିବା ଏହି ଦୁଇଦିନିଆ ବୈଠକରେ ପ୍ରମୁଖ ଆଲୋଚନାର ବିଷୟବସ୍ତୁ ଥିଲା ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ସୁରକ୍ଷା ପାଇଁ ଆମର ପ୍ରଚାର ଅଭିଯାନ ଓ ସଂଗ୍ରାମର ପୁନଃମୂଲ୍ୟାୟନ । କର୍ମଚାରୀମାନଙ୍କ ଆଶାନୁରୂପ ଏକ ନିଃସର୍ତ୍ତ ତଥା ସନ୍ତୋଷଜନକ ମଜୁରୀ ସଂଶୋଧନ ଆଦାୟ ଦିଗରେ କାର୍ଯ୍ୟପନ୍ଥା ସ୍ଥିର କରିବା ତଥା ଆମର ସଙ୍ଗଠନର ସାମ୍ପ୍ରତିକ ଅବସ୍ଥାର ଅନୁଶୀଳନ କରିବା । ଜାନୁଆରୀ ୨୦୧୪ରେ ନାଗପୁରରେ ଅନୁଷ୍ଠିତ ସଙ୍ଗଠନର ୨୩ ତମ ସର୍ବଭାରତୀୟ ସମ୍ମିଳନୀ ପରେ, ବୀମା ଶିଳ୍ପର ସୁରକ୍ଷା ପାଇଁ ଆମର ପ୍ରଚାର ପ୍ରକ୍ରିୟାର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ଘରୋଇକରଣ ଓ ବୀମା ଶିଳ୍ପର ବିଦେଶୀ ପୁଞ୍ଜି ନିବେଶ ପ୍ରସ୍ତାବ ବିରୁଦ୍ଧରେ ଆମର ସଂଗ୍ରାମ ଅତ୍ୟନ୍ତ ସଫଳ ହୋଇଥିବାର ବୈଠକରେ ସନ୍ତୋଷ ବ୍ୟକ୍ତ କରାଯାଇଥିଲା । ୧୯୯୪ ମସିହାରୁ କେନ୍ଦ୍ର ସରକାରଙ୍କର ବୀମା ଶିଳ୍ପକୁ ଅସ୍ଥିର କରିବାର ବିଭିନ୍ନ ପ୍ରୟାସକୁ ଆମର ସଂଗ୍ରାମ ମାଧ୍ୟମରେ ସଫଳତାର ସହିତ ପ୍ରତିହତ କରାଯାଇପାରିଛି । ଏତଦ୍‌ବ୍ୟତୀତ, ରାଷ୍ଟ୍ରାତ୍ତ ବୀମା ଶିଳ୍ପ ପ୍ରତି ଜନସାଧାରଣଙ୍କ ଶ୍ରଦ୍ଧା ଓ ସଦିଚ୍ଛା, ବସ୍ତୁତଃ ଆମର ସଂଗ୍ରାମର ତୀବ୍ରତା ସହିତ ସମତାଳ ଦେଇ ବୃଦ୍ଧି ପାଇଛି । ଲଗାତାର ଭାବେ ଭାରତୀୟ ଜୀବନ ବୀମା ଓ ରାଷ୍ଟ୍ରାୟତ୍ତ ସାଧାରଣ ବୀମାର କ୍ରମବର୍ଦ୍ଧିଷ୍ଣୁ ବ୍ୟବସାୟ ଏହାକୁ ପ୍ରମାଣିତ କରୁଛି । ୨୦୧୩-୨୦୧୪ ବର୍ଷ ମଧ୍ୟରେ ରାଷ୍ଟ୍ରାୟତ୍ତ ସାଧାରଣ ବୀମାର ପ୍ରଦର୍ଶନ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ନୂତନ କିସ୍ତି ଆୟ କ୍ଷେତ୍ରରେ, ଭାରତ ବର୍ଷର ବୀମା ଶିଳ୍ପର ସାମଗ୍ରିକ ଅଭିବୃଦ୍ଧିହାର ୧୧.୫୭ ହୋଇଥିବା ବେଳେ ଭାରତୀୟ ଜୀବନ ବୀମା ନିଗମରେ ଏହା ୧୮ ପ୍ରତିଶତ ରହିଛି । ଏହି ସମୟ ମଧ୍ୟରେ ଘରୋଇ ବୀମା ଶିଳ୍ପର ମୋଟ ପ୍ରିମିୟମ ଆୟରେ ଅଭିବୃଦ୍ଧି (-୪%) ହୋଇଥିବା ସ୍ଥଳେ ଆମ ଶିଳ୍ପର ଏହି ପରିମାଣ ୨ ଲକ୍ଷ ୪୦ ହଜାର କୋଟି ଟଙ୍କା ହୋଇଛି । ୨୦୧୩-୧୪ ବର୍ଷ ମଧ୍ୟରେ ଉଭୟ ପ୍ରିମିୟମ୍ ଆୟ ଓ ପଲିସି ସଂଖ୍ୟା କ୍ଷେତ୍ରରେ ଆମ ଶିଳ୍ପର ବଜାର ଅଂଶରେ ବୃଦ୍ଧିକୁ ନେଇ ସମ୍ପାଦକ ମଣ୍ଡଳ ସନ୍ତୋଷ ପ୍ରକଟ କରିଥିଲେ । କଠିନ ଆର୍ଥିକ ପରିସ୍ଥିତି ସତ୍ତ୍ୱେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା ଶିଳ୍ପର ପ୍ରଦର୍ଶନ ପ୍ରଶଂସନୀୟ ବୋଲି ମତ ବ୍ୟକ୍ତ ହୋଇଥିଲା । ଯେତେବେଳେ ଭାରତୀୟ ଅର୍ଥନୀତି ୪.୭ ପ୍ରତିଶତ ହାରରେ ବୃଦ୍ଧି ପାଉଥିଲା, ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀ ସମୂହ ୩୮ ହଜାର ୭ ଶହ ୫ କୋଟି ଟଙ୍କାର ପ୍ରତ୍ୟକ୍ଷ ପ୍ରିମିୟମ୍ ଆୟ କରି ୫୬ ପ୍ରତିଶତ ବଜାର ଅଂଶ ଦଖଲ କରିପାରିଥିଲା । **ବୀମା ଶିଳ୍ପରେ ପ୍ରତିଯୋଗିତା ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଜୀବନ ବୀମା ନିଗମ ବଜାର ଅଂଶ ୫୦ ପ୍ରତିଶତ ତଳକୁ ଖସି ଆସିବ ବୋଲି ଯେଉଁ ବଜାର ସମୀକ୍ଷକ ଓ ସଂସ୍ଥା ଭବିଷ୍ୟତ ବାଣୀ କରିଥିଲେ, ସେମାନେ ଶେଷରେ ମାଟି କାମୁଡ଼ିଛନ୍ତି । ଭାରତୀୟ ଜୀବନ ବୀମା ନିଗମର ତା'ର ଆଖି ଝଲସା ପ୍ରଦର୍ଶନ ପାଇଁ ଏହା କେବଳ ''market leader'' ନୁହେ ବରଂ ''market maker'' ବୋଲି ସେମାନେ ଏବେ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି ।**

ଷୋଡ଼ଶ ସାଧାରଣ ନିର୍ବାଚନର ପରବର୍ତ୍ତୀ ରାଜନୈତିକ ପରିସ୍ଥିତିରେ ଅଧିକ ସାବଧାନତା ଅବଲମ୍ବନ କରିବାର ଆବଶ୍ୟକତାକୁ ସମ୍ପାଦକ ମଣ୍ଡଳୀ ଉପଲବ୍ଧ କରିଥିଲେ । ନିର୍ବାଚନରେ ବିଜେପିର ପୂର୍ଣ୍ଣ ବହୁମତ ହାସଲ ପରିପ୍ରେକ୍ଷୀରେ, ସାମଗ୍ରିକ ଭାବେ ରାଷ୍ଟ୍ରାୟତ୍ତ କ୍ଷେତ୍ର ଏବଂ ବିଶେଷ ଭାବେ ଆମ ଶିଳ୍ପ ଆଜି ବିରାଟ ଆହ୍ୱାନର ସମ୍ମୁଖୀନ ହୋଇଛି । ବୀମା ଶିଳ୍ପରେ ବିଦେଶୀ ପୁଞ୍ଜି ନିବେଶ ସୀମା ବୃଦ୍ଧି ଓ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଗୁଡ଼ିକର ଅଂଶଧନର ବିଲଗ୍ନୀକରଣ ବା ପୁଞ୍ଜିପ୍ରତ୍ୟାହାର ପ୍ରକ୍ରିୟା ସରକାରଙ୍କ ପ୍ରାଥମିକତା ପାଇବାର ଯଥେଷ୍ଟ ସମ୍ଭାବନା ରହିଛି । ସେଥିପାଇଁ ବୀମା ଶିଳ୍ପର ସୁରକ୍ଷା ପାଇଁ ଆମର ସଂଗ୍ରାମକୁ ଅଧିକ ଶାଣିତ କରିବାକୁ ହେବ । ରାଷ୍ଟ୍ରାୟତ୍ତ କ୍ଷେତ୍ର ପ୍ରତି କେନ୍ଦ୍ର ସରକାରଙ୍କର ବିରୋଧାତ୍ମକ ଆଚରଣ ଓ ରାଜନୈତିକ ପୃଷ୍ଠଭୂମି ପରିପ୍ରେକ୍ଷୀରେ ବୀମା କର୍ମଚାରୀ ସମେତ ସାରା ଦେଶର ଶ୍ରମିକ ଶ୍ରେଣୀ ହତୋତ୍ସାହ ଅଥବା ନିରାଶ ହେବା ଆଦୌ ଉଚିତ୍ ନୁହେଁ । ଶ୍ରମିକ ଶ୍ରେଣୀ - ବିଶେଷ ଭାବେ ବୀମା କର୍ମଚାରୀଙ୍କ ସଂଗ୍ରାମକୁ ନିରନ୍ତର ଭାବେ ଦୃଢ଼ ସମର୍ଥନ ଦେଇ ଆସୁଥିବା ବାମପନ୍ଥୀ ଦଳଙ୍କ ସଂସଦରେ ଉପସ୍ଥିତି ତୁଳନାତ୍ମକ ଭାବେ ହ୍ରାସ ପାଇଥିବାରୁ, ଭାରତ ବର୍ଷର ଶ୍ରମିକ ଶ୍ରେଣୀ ହତାଶ ହେବା ସ୍ୱାଭାବିକ । **କିନ୍ତୁ ଆମେମାନେ ମନେ ରଖିବା ଉଚିତ ଯେ ଅତୀତରେ ବୀମା କର୍ମଚାରୀ ତଥା ଶ୍ରମିକ ଶ୍ରେଣୀ ବୃହତ୍ତର ଆହ୍ୱାନକୁ ସଫଳତାର ସହିତ ମୁକାବିଲା କରିଛନ୍ତି ଏବଂ ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ସୁରକ୍ଷା ତଥା ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ଅନେକ ଘାତ ପ୍ରତିଘାତକୁ ସଫଳତାର ସହିତ ଅତିକ୍ରାନ୍ତ କରିପାରିଛନ୍ତି । ତେଣୁ ସଂସଦରେ ଯେତେବେଳେ ବି ବୀମା ବିଲ ଆଗତ ଓ ଗୃହୀତ ହେବାର ପ୍ରସ୍ତାବ ଆସିବ, ବୀମା ଶିଳ୍ପର କର୍ମଚାରୀ ଏକତାବଦ୍ଧ ଲଢ଼େଇ ଓ ପ୍ରଚାର ମାଧ୍ୟମରେ ଏହାକୁ ସମ୍ପୂର୍ଣ୍ଣ ପରାସ୍ତ କରିବା ପାଇଁ ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ ।**

ସାଧାରଣ ବୀମା ଶିଳ୍ପର ଘରୋଇକରଣ ଏବଂ ଚାରୋଟି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀର ସମ୍ମିଶ୍ରଣ ଦାବୀ ସପକ୍ଷରେ ଏଥିରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀ ବନ୍ଧୁମାନଙ୍କୁ ଅଧିକ ସକ୍ରିୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଭାରତ ବର୍ଷର ଅତ୍ୟନ୍ତ ସଫଳ ଅନୁଷ୍ଠାନର ଘରୋଇକରଣ ପ୍ରସ୍ତାବର ବିପଦ ଓ ତଜ୍ଜନିତ ଜାତୀୟ ଅର୍ଥନୀତିର ପ୍ରଭୂତ କ୍ଷତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ ।

**ମଜୁରୀ ସଂଶୋଧନ :** ୧ ଅଗଷ୍ଟ ୨୦୧୨ ମସିହାରୁ ହେବାକୁ ଥିବା କର୍ମଚାରୀଙ୍କ ମଜୁରୀ ସଂଶୋଧନ ଆଉ ଅଧିକ ବିଳମ୍ବ ହେବା ବରଦାସ୍ତ କରାଯିବ ନାହିଁ ବୋଲି ଉକ୍ତ ବୈଠକରେ ଦୃଢ଼ ମତ ପ୍ରକାଶ ପାଇଥିଲା ସାଙ୍ଗଠନିକ କାର୍ଯ୍ୟାବଳୀରେ ଏହା ପ୍ରାଥମିକତା ପାଇବାର ନିଷ୍ପତ୍ତି ଗୃହୀତ ହୋଇଥିଲା । କର୍ମଚାରୀମାନଙ୍କ ଉତ୍ପାଦିକାରେ ବୃଦ୍ଧି ଓ ବୀମା ଶିଳ୍ପର ଚମତ୍କାର ଅଭିବୃଦ୍ଧି ହାସଲ ଦୃଷ୍ଟିରୁ ଏକ ସମୁନ୍ନତ ମଜୁରୀ ସଂଶୋଧନର ଦାବୀ ସମ୍ପୂର୍ଣ୍ଣ ଯଥାର୍ଥ ବୋଲି ମତୈକ୍ୟ ପ୍ରକାଶ ପାଇବା ସହିତ, ବଦଳି / ପଦୋନ୍ନତି ପରି କୌଣସି ପ୍ରକାରର ସର୍ତ୍ତ ସମ୍ବଳିତ ହେବା ଅନୁଚିତ ବୋଲି ଦୃଢ଼ ମତ ପୋଷଣ କରାଯାଇଥିଲା । ବଦଳି / ପଦୋନ୍ନତି ସଂକ୍ରାନ୍ତୀୟ ଏଲ୍.ଆଇ.ସି. କର୍ତ୍ତୃପକ୍ଷଙ୍କ କର୍ମଚାରୀ ବିରୋଧୀ ଆଭିମୁଖ୍ୟ ପରିବର୍ତ୍ତେ, ବୀମା ସେବାରେ ଉନ୍ନତି ଆଣିବା ପାଇଁ ନୂତନ ନିଯୁକ୍ତି ଏକାନ୍ତ ଅପରିହାର୍ଯ୍ୟ ବୋଲି ବୈଠକରେ ଦାବୀ କରାଯାଇଥିଲା । ସେହିପରି ବାକି କର୍ମଚାରୀଙ୍କ ପାଇଁ, ଦୀର୍ଘ କାଳ ଧରି ଅସମାହିତ ହୋଇ ରହିଥିବା ପେନସନର ଆଉ ଏକ ସୁଯୋଗ ପ୍ରଦାନ କରିବାର ଦାବୀକୁ ଯୋରଦାର କରିବାକୁ ହେବ । ଆମର ଦାବୀ ଯେତେ ଯଥାର୍ଥ ହୋଇଥିଲେ ମଧ୍ୟ ଶ୍ରମିକ ଶ୍ରେଣୀ ବିରୋଧି ପ୍ରତିକୂଳ ପରିସ୍ଥିତିରେ ଶକ୍ତିଶାଳୀ ସଂଗ୍ରାମ ବ୍ୟତିରକେ ଦାବୀ ଆଦାୟ ଅତ୍ୟନ୍ତ କଷ୍ଟକର । ନିର୍ଦ୍ଦିଷ୍ଟ ପ୍ରସ୍ତାବ ସହିତ ନୂତନ ମଜୁରୀ ସଂଶୋଧନ ଆଲୋଚନା ଆରମ୍ଭ କରିବା ପାଇଁ ଉଭୟ LIC ଓ GIPSA କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ଦାବୀ ଉପସ୍ଥାପିତ କରିବାକୁ ନିଷ୍ପତ୍ତି ଗ୍ରହଣ କରିଯାଇଥିଲା । ଜୁନ୍ ମାସରେ ଆଲୋଚନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ମଜୁରୀ ସଂଶୋଧନ ଦାବୀକୁ ତ୍ୱରାନ୍ୱିତ କରିବା ପାଇଁ ସାଙ୍ଗଠନିକ ସ୍ତରରେ ଆହ୍ୱାନ ଦେବାର ନିଷ୍ପତ୍ତି ଗୃହୀତ ହୋଇଥିଲା । ବୀମା ଶିଳ୍ପ ମଧ୍ୟରେ ବର୍ତ୍ତମାନର ପରିସ୍ଥିତିକୁ କେବଳ ଯୌଥ ଆନ୍ଦୋଳନ ମାଧ୍ୟମରେ ମୁକାବିଲା କରିବାର ଗୁରୁତ୍ୱ ପ୍ରକାଶ ପାଇଥିଲା । ଏଥିପାଇଁ ମଜୁରୀ ସଂଶୋଧନର ଦାବୀ, ପେନସନ୍ ପ୍ରଦାନର ଆଉ ଏକ ସୁଯୋଗ ଓ ରାଷ୍ଟ୍ରାୟତ୍ତ ବିମା ଶିଳ୍ପକୁ ସୁରକ୍ଷା ଦେବା ଦିଗରେ ଆମ ଶିଳ୍ପରେ ଅନ୍ୟ ଶ୍ରମିକ ସଙ୍ଗଠନକୁ ସାମିଲ କରି ଏକକ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ପ୍ରଚେଷ୍ଟା ଜାରି ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା ।

ସଙ୍ଗଠନିକ କାର୍ଯ୍ୟାବଳିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା । ନାଗପୁରଠାରେ ସର୍ବଭାରତୀୟ ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ସାଥୀ କର୍ମଚାରୀମାନେ ଆମ ସଙ୍ଗଠନ AIIEA କୁ ସ୍ୱୀକୃତି ପ୍ରଦାନ ପାଇଁ ଚେୟାରମ୍ୟାନଙ୍କୁ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସଫଳ କରାଇଥିବାରୁ, ସମସ୍ତଙ୍କୁ ସଙ୍ଗଠନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଏବଂ ଏହି ଲକ୍ଷ୍ୟ ହାସଲ ଦିଗରେ ଅଧିକ ସକ୍ରିୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା ।

ଏକାଗ୍ରତା ଓ ପ୍ରତିବଦ୍ଧତାର ସହିତ ଆମର ଲଢ଼େଇ ଜାରି ରଖିଲେ ନିଶ୍ଚିତ ରୂପେ ଆମ ସମସ୍ତଙ୍କର ସ୍ୱାର୍ଥ ରକ୍ଷା ହୋଇପାରିବ ଏହି ବିଶ୍ୱାସ ସହିତ ସମସ୍ତଙ୍କୁ ଆଗକୁ ବଢ଼ିବାର ଆହ୍ୱାନ ସହିତ ଉଭୟ ବୈଠକ ସମାପ୍ତି ହୋଇଥିଲା ।

**ସାଥୀ ଶ୍ରୀକାନ୍ତ ମିଶ୍ରଙ୍କ ଦ୍ୱାରା ରଚିତ ଲେଖା ଓ ସର୍କୁଲାର ଉପରେ ପର୍ଯ୍ୟବସିତ**



# ଧର୍ମ କେବଳ ପର ପାଇଁ

**ଏସ୍. ଏସ୍. ହୁସେନ୍**
**ଶାଖା ପ୍ରବନ୍ଧକ(ପ୍ରଶିକ୍ଷଣ)**
**ଡିଭିଜନାଲ୍ ଟ୍ରେନିଂ ସେଣ୍ଟର, କଟକ**

ହେ, ଧର୍ମ
ତମ ନାଁରେ
ତୁମକୁ ଦ୍ୱାହି ଦେଇ
କହି ଚାଲିଛି,
ଶନିର ପ୍ରକୋପକୁ
ଭାଂଗି ଚୁରମାର କରିଦେବ
ତୋଳି ଗଢ଼ିବ ଶାନ୍ତିର ସଂସାର
ସଜେଇଦେବ ଏ ଜଗତକୁ
ଏହି ସର୍ବବୁଦ୍ଧିମାନ ମାନବ (୧)
ସାମ୍ନାରେ ଧରିଛି
ଶାନ୍ତିର ବାନା
ପଛରେ କିନ୍ତୁ.......
ରକ୍ତର ନଈରେ
ହାତ କଙ୍କାଳର ପୋଲ ଉପରେ
ମାଡ଼ି ଚାଲିଛି କେବଳ ଆଗକୁ, ଆଗକୁ (୨)
ହେ ସର୍ବବୁଦ୍ଧିମାନ, ମାନବ
କୁହ ଏବେ, ତୁମ ଚନ୍ତନ, ତୁମ ସ୍ୱାର୍ଥନ୍ଧତା
ଭିତରେ କିଛି ଫରକ ଅଛି କି ?
ବୋଧେ ଧର୍ମ,
ତୁମ ପାଇଁ
ଖିନ୍ ବିନ୍ କରି, ଚୁରମାର କରି
ଭୋଗ ବିଳାସ, ମର୍ଯ୍ୟାଦା ଓ ଶକ୍ତିର
ଅପାର ମୋହ ପାଇଁ
ସବୁ ଚକ୍ ଚାକ୍, ସବୁ ଠିକ୍ ଠାକ୍
କିନ୍ତୁ ହେ ଧର୍ମ,
ତୁମେତରହିଛ, ରହିଥିବ
ନିଜ ସ୍ନେହର ଭଣ୍ଡାରରୁ
ଚେନା ଚେନାଏ ସ୍ନେହ ବାଣ୍ଟୁ ଥିବ,
ନିଜକୁ ଜଳାଇ ଜଳାଇ,
ଆଲୋକର ଶିଖା ବାଣ୍ଟିଚାଲୁଥିବ
ନିଜକୁ ମାଟିରେ ମିଶାଇ,
ଦାନା କନା ବାଣ୍ଟି, ବାଣ୍ଟି
ନିଜକୁ ସାରିଦେବ,
ମିଶି ଯିବ ଶୂନ୍ୟରେ
କେବଳ ପରପାଇଁ
କେବଳ ପର ପାଇଁ

❖❖❖

# ଘରୋଇହିଂସା ଓ ଏହାର ଆଇନଗତ ପରିଧି

ସ୍ମୃତିରେଖା ସାହୁ, ଯୁଗ୍ମ ସମ୍ପାଦିକା, BDLIEA

ପାରିବାରିକ ଅତ୍ୟାଚାର ଜନିତ ଘଟଣା ମାନିବକ ଅଧିକାର ତଥା ମାନବ ଯାତିର ପ୍ରଗତିର ପରପନ୍ଥୀ । ହିଂସା ବିହୀନ ଜୀବନ ଯାପନ କରିବା ନାରୀର ଅଧିକାର । ପାରିବାରିକ ଅତ୍ୟାଚାର ଏକ ବ୍ୟାଧି ଯାହାକି ଭାରତର ସାମାଜିକ ବ୍ୟବସ୍ଥାର ପରିସର ମଧ୍ୟରେ ସୀମିତ ରହି ନାହିଁ, ସାରା ବିଶ୍ୱରେ ବ୍ୟାପ୍ତ, ଯାହାକି ଉନ୍ନତ ଓ ଅନୁନ୍ନତ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଆକ୍ରାନ୍ତ କରିଛି ।

ପରିବାରକୁ ନେଇ ସମାଜ । ପରିବାର ବିନା ସମାଜ ବ୍ୟବସ୍ଥା କଳ୍ପନା ବାହାରେ । ଏହା ସମାଜର ଏକ କ୍ଷୁଦ୍ର ଏକକ ଓ ଏହାର ସମଷ୍ଟି ସମାଜର ଏକ ବୃହତ ଅଂଶ । **ଯଦିଓ ନାରୀର ସୁରକ୍ଷାରେ ସ୍ଥାନ ହେଉଛି ତା'ର ପରିବାର । ମାତ୍ର ଏହି ସ୍ଥାନଟି ମଧ୍ୟ ତା'ର ବହୁ ଦୁଃଖ, ଦୁର୍ଦ୍ଦଶାର ସ୍ଥାନରେ ପରିଣତ ହେଲାଣି ।** ବହୁକାଳରୁ ମହିଳାମାନେ ସମାଜରେ ଓ ତା'ର ପରିବାରରେ କାହିଁ କେତେ ଅବିଚାର ଓ ଦୁର୍ବ୍ୟବହାର ଶୀକାର ହୋଇଆସୁଛନ୍ତି । କପାଳଲିଖନ କେ କରିବ ଆନ ରୀତରେ ସବୁକିଛି ସହି ଆସୁଛନ୍ତି, ନାରୀମାନଙ୍କ କ୍ଷେତ୍ରରେ ଘଟୁଥିବା ପାରିବାରିକ ନିର୍ଯ୍ୟାତନା କେବଳ ଭାରତ ନୁହେଁ ଆଜି ସମଗ୍ର ବିଶ୍ୱରେ ସମସ୍ତ ସୀମା ସରହଦକୁ ଲଘିଁ ଯାଇଛି । କେବେ ଏହା ଶାରିରୀକ ସ୍ତରରେ ତ କେବେ ମାନସିକ ସ୍ତରରେ । ଘରେ ସ୍ତ୍ରୀଟି ସ୍ୱାମୀଠାରୁ ମାଡ଼ଖାଏ, ପରିବାର ମଧ୍ୟରେ ଧର୍ଷିତା ହୁଏ, ଯୌତୁକ ଜନିତ ନିର୍ଯ୍ୟାତନା ଭୋଗ ଓ ବଧୂହତ୍ୟାର ଶୀକାର ହୁଏ । ଘର ଭିତରେ ମଧ୍ୟ ନାରୀଟି ସୁରକ୍ଷିତ ନୁହେଁ । ପରିବାରରେ ପୁଅ ଝିଅଙ୍କ ମଧ୍ୟରେ ପାତର ଅନ୍ତର, ସ୍ୱାମୀଠାରୁ ସ୍ତ୍ରୀର ନ୍ୟୁନତା ପ୍ରତିପାଦନ, ଗାଳି ମାଡ଼, ତଥା ବଧୂମାନଙ୍କ ପ୍ରତି ଅବହେଳା ଓ ଅତ୍ୟାଚାରର ଅନ୍ତ ନ ଥାଏ । ପାରିବାରିକ ହିଂସା ଓ ଅପବାଦ ମଧ୍ୟରେ ଚାପୁଡ଼ା ମାରିବା, ଗୋଇଠା ମାରିବା, ଠେଲିଦେବା, ଚିମୁଟିବା, ଚିଆଁ ଦେବା ଇତ୍ୟାଦି ଗଣାଯାଇପାରିବ । ଏହା ବ୍ୟତୀତ କଥା କଥାକେ ବୋହୁଟିକୁ ତା' ବାପ ଭାଇ, ଘର ପରମ୍ପରାକୁ ନେଇ ଅପମାନ ଜନିତ କଥା କହିବା, ତା'ଠାରେ ମାନସିକ ଅବସାଦ ପହଞ୍ଚାଇ ଥାଏ । ଏହା ସହିତ ଅନେକ ସମୟରେ ସ୍ତ୍ରୀକୁ ଯୌନ ନିର୍ଯ୍ୟାତନା ମଧ୍ୟ ଦିଆଯାଇଥାଏ । ଏହି ସମସ୍ୟା କେବଳ ଦରିଦ୍ର ଶ୍ରେଣୀରେ ନୁହେଁ, ଧନୀକ ପରିବାରରେ ମଧ୍ୟ ଏହା ସଂଘଟିତ ହୋଇଥାଏ । କେବଳ ନିଶାଗ୍ରସ୍ତ ପୁରୁଷ ନୁହେଁ, ସ୍ୱାଭାବିକ ପୁରୁଷ ମଧ୍ୟ ସ୍ତ୍ରୀକୁ ମାଡ଼ଗାଳି ଦେଇ ଅପମାନିତ କରିବାକୁ ନିଜର ପୌରୁଷତ୍ୱର ପ୍ରକୃତ ପରିଚୟ ବୋଲି ଭାବିଥାଏ । କେବଳ ଗୃହିଣୀମାନେ ନୁହନ୍ତି, ରୋଜଗାରକ୍ଷମ ମହିଳା ଏପରିକି ଉଚ୍ଚ ବେତନଧାରୀ ମହିଳାଗଣ ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି ।

ନାରୀମାନଙ୍କ ବହୁଳ ସମସ୍ୟା ଦିଗରେ ବିଭିନ୍ନ ଆଇନ୍‌ମାନ ରହିଛି । ଯଥା – ଯୌତୁକ ଦାବୀ, ଯୌନ ନିର୍ଯ୍ୟାତନା, କନ୍ୟାଭ୍ରୁଣ ହତ୍ୟା, ବେଶ୍ୟାବୃତ୍ତି, କର୍ମସ୍ଥଳରେ ଯୌନ ନିର୍ଯ୍ୟାତନା ଆଦି କିନ୍ତୁ ପାରିବାରିକ ହିଂସାରୁ ପ୍ରାଧାନ୍ୟ ଦିଆଯାଇ ନ ଥିଲା । ଯଦିଓ ପାରିବାରିକ ହିଂସା ବହୁ ମାତ୍ରାରେ ପରିଲକ୍ଷିତ ହୋଇଥିଲା କିନ୍ତୁ ଏହା ସର୍ବସାଧାରଣ ଗୋଚରକୁ ଆସିପାରି ନ ଥିଲା । ନିଶ୍ଚିତ ଭାବରେ କୁହାଯାଇ ପାରେ ଯେ ପାରିବାରିକ ହିଂସା ଏକ ମାନବ ଅଧିକାର ଉଲଘିଂତ ଅବସ୍ଥା । କାରଣ ଏହା ପ୍ରଗତିରେ ବାଧାସୃଷ୍ଟି କରିଥାଏ । ଏହା ଭିଏନା ଚୁକ୍ତି ୧୯୯୪ ଏବଂ ବେଜିଂ ପ୍ଲାଟଫର୍ମ ଅଫ୍ ଆକସନ୍ ୧୯୯୫ରେ ସ୍ୱୀକୃତି ପ୍ରାପ୍ତ ହୋଇଥିଲା । ଅନ୍ତରାଷ୍ଟ୍ରିୟ ସଙ୍ଗଠନ (CEDAW) Committee on Elimination of all forms of Discrimination Against Women ନାମକ ସନନ୍ଦରୂପେ ଏକ ସାଧାରଣ ଅନୁମୋଦନ ୧୯୮୯ ମସିହାରେ ଜାରିକରି ସମସ୍ତ ରାଷ୍ଟ୍ରଗୁଡ଼ିକୁ ପାରିବାରିକ ହିଂସାରୁ ନାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଚେଷ୍ଟା କରିବା ପାଇଁ ନିବେଦନ କଲେ । ଏହି ସନନ୍ଦକୁ ସ୍ୱାକ୍ଷର ଓ ଅନୁମୋଦନ କରି ଭାରତ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ସ୍ୱୀକାରବଦ୍ଧ ହୋଇଥିଲା । ଫଳ ସ୍ୱରୂପ ୨୦୦୫ ମସିହା ଅଗଷ୍ଟ ମାସରେ ଘର ଭିତରେ ନିର୍ଯ୍ୟାତନା ଭୋଗୁଥିବା ମହିଳାମାନଙ୍କର ସାମ୍ବିଧାନିକ ଅଧିକାର ପ୍ରତିଷ୍ଠା ପାଇଁ The Protection of Women from Domestic Violence ବା ପାରିବାରିକ ହିଂସା ବିରୁଦ୍ଧରେ ନାରୀ ସୁରକ୍ଷା ଆଇନ, ୨୦୦୫ ଶୀର୍ଷକ ବିଲ୍‌ଟି ଗୃହୀତ ହୋଇଥିଲା ।

ଏହା ପୂର୍ବରୁ କେବଳ ପତ୍ନୀମାନଙ୍କର ନିର୍ଯ୍ୟାତନାରୁ ରକ୍ଷା ପାଇବାକୁ ଆଇନର ଆଶ୍ରୟ ନେବାକୁ କିଛି ମାତ୍ରାରେ ସୁଯୋଗ ଥିଲା । ପତ୍ନୀଙ୍କୁ ବାଦ୍‌ଦେଲେ ପରିବାରର ଅନ୍ୟ ମହିଳାମାନେ ନ୍ୟାୟ ପାଇ କେଉଁ ଫୋରମ୍‌କୁ ଯିବେ ତାହା ସ୍ପଷ୍ଟ ନ ଥିଲା । ମାତ୍ର ଏହି ଆଇନ ଲାଗୁ ହେବା ପରେ ପରିବାରର ଅନ୍ୟ ମହିଳାମାନେ ନ୍ୟାୟ ପାଇବାର ସୁଯୋଗ ସୃଷ୍ଟି ହୋଇଛି । ଆଇନତଃ, ବିବାହ ନ କରିଥିବା ପତ୍ନୀ ପୋଷ୍ୟ କନ୍ୟା ସନ୍ତାନ, ମା, ଭଉଣୀ ବି ଏହି ବିସ୍ତୃତ ପରିସରକୁ ଆସିପାରିଛନ୍ତି । ଏହି ଆଇନ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଅର୍ଥନୈତିକ ଶୋଷଣ ତଥା ନିର୍ଯ୍ୟାତନା, ସ୍ତ୍ରୀ, ସମ୍ପତ୍ତିର ସୁରକ୍ଷା, ଆବାସିକ ଅଧିକାର, ଭରଣ ପୋଷଣ ମଧ୍ୟବର୍ତ୍ତୀକାଳୀନ ତ୍ୱରିତ କ୍ଷତିପୂରଣ, ଏପରିକି ସେଲ୍‌ଟର ହୋମ୍‌ରେ ରହିବାର ଓ ଚିକିତ୍ସା ପାଇବାର ସୁବିଧା ମଧ୍ୟ ଏଥିରେ ସାମିଲ୍ ହୋଇଛି । **ଆଗରୁ ମହିଳାମାନେ ନିର୍ଯ୍ୟାତନାର ଶୀକାର ହୋଇ ନ୍ୟାୟ ଲୋଡ଼ିଲେ ନ୍ୟାୟ କେବଳ କାଉନସେଲିଂ ପ୍ରକ୍ରିୟା ଓ ବିଳମ୍ବିତ ଅଦାଲତ କାରବାରରେ ସୀମିତ ରହୁଥିଲା । ପାରିବାରିକ ହିଂସାର ସୁରକ୍ଷା ଆଇନ୍‌ରେ କିନ୍ତୁ କ୍ଷତି ପୂରଣ ଓ ଜୋରିମାନାର ବ୍ୟବସ୍ଥା ରହିଛି ତଥା ସ୍ଥଳ ବିଶେଷରେ ଉଭୟ ଦଣ୍ଡର ମଧ୍ୟ ବ୍ୟବସ୍ଥା ରହିଛି ।**

କୌଣସି ଆଇନର କାର୍ଯ୍ୟକାରିତା ଓ ସଫଳତା ଲୋକମାନଙ୍କର ସମ୍ବେଦନଶୀଳ ବିଚାରଧାରା ଉପରେ ନିର୍ଭର କରିଥାଏ । କେବଳ ଆଇନଟିଏ ହୋଇଗଲେ ଯେ ସବୁ ସମସ୍ୟାର ସମାଧାନ ହୋଇଯିବ ତା' ନୁହେଁ । ତଥାପି ଏହା ରକ୍ଷାକବଚ ଭଳି ନାରୀମାନଙ୍କ ନିକଟରେ ପ୍ରତ୍ୟୟ ହେବ ଏଥିରେ ଦ୍ୟିରୁକ୍ତି ନାହିଁ । ଏହା ମହିଳାମାନଙ୍କର ସୁରକ୍ଷାପାଇଁ ଏକ ସୁନିଶ୍ଚିତ ରକ୍ଷାକବଚ ।

**(ସାଥୀ ସାହୁ ମଧ୍ୟ ECZIEAର ମହିଳା ସବ୍ କମିଟିର ଆବାହିକା)**

❖❖❖

## ON AIIEA

As the AIIEA enters its 64th year, our beloved Union and the trade union movement as a whole face gigantic challenges. Let the exhilarating journey of these 63 years and the success achieved motivates us to meet the gigantic challenges of our times. (Courtesy Editorial Insurance Worker, July Issue)



# ରାଷ୍ଟ୍ରାୟତ୍ତ ବୀମା ଶିଳ୍ପର ଅଭୁତପୂର୍ବ ସାଫଲ୍ୟ

ଭାରତ ଭୂଷଣ ନାୟକ , ସାଙ୍ଗଠନିକ ସମ୍ପାଦକ, BDLIEA

ଏଇ ନିକଟରେ ସମାପ୍ତ ହୋଇଥିବା ଆର୍ଥିକ ବର୍ଷ ୨୦୧୩-୨୦୧୪ ର ହିସାବ ଦେଖିଲେ, ବୀମା ବଜାରରେ ରାଷ୍ଟ୍ରାୟତ୍ତ ବୀମା ସଂସ୍ଥା ଉଭୟ ଏଲ୍.ଆଇ.ସି. ଓ ସାଧାରଣ ବୀମା କମ୍ପାନୀମାନଙ୍କ ବ୍ୟବସାୟିକ ସଫଳତା ଅତ୍ୟନ୍ତ ଉତ୍ସାହଜନକ । ବର୍ଷରେ ଏଲ୍.ଆଇ.ସି. ପ୍ରାୟ ୩.୪୪ କୋଟି ନୂତନ ପଲିସି ବିକ୍ରିକରି ୯୦,୧୨୪ କୋଟି ଟଙ୍କାର ପ୍ରଥମ ବାର୍ଷିକ ପ୍ରିମିୟମ ଆୟ କରିଛି । ଅଭିବୃଦ୍ଧି ହାର ମଧ୍ୟ ଅତ୍ୟନ୍ତ ଉତ୍ସାହଜନକ ଯାହାକି ୧୮% । ଜୀବନ ବୀମା ଶିଳ୍ପରେ ବେପାର କରୁଥିବା ଅନ୍ୟାନ୍ୟ ୨୩ଟି କମ୍ପାନୀମାନେ ମିଳିତ ଭାବେ ୨୯,୫୧୭.୩୮ କୋଟିର ପ୍ରଥମ ବାର୍ଷିକ ପ୍ରିମିୟମ୍ ଆୟ କରିଛନ୍ତି ଯାହାକି ଏକା ଏଲ୍.ଆଇ.ସି.ର ଏକ ତୃତୀୟାଂଶ ଏବଂ ସେମାନଙ୍କ ଅଭିବୃଦ୍ଧି ହୋଇଛି ବିୟୁକ୍ତାଙ୍କ ୪% । ଏହି ସମସ୍ତ ଘରୋଇ କମ୍ପାନୀମାନେ ମିଳିତ ଭାବେ ମାତ୍ର ୬୩.୫୫ ଲକ୍ଷ ନୂତନ ପଲିସି ବିକ୍ରି କରିଛନ୍ତି । ସାମଗ୍ରିକ ଭାବେ ବୀମା ଶିଳ୍ପର ଅଭିବୃଦ୍ଧି ହୋଇଛି ୧୧.୫୭% ଯାହାକି ସଂଭବ ହୋଇଛି ଏକାକୀ ଏଲ୍.ଆଇ.ସି.ର ଅଭିବୃଦ୍ଧି ଯୋଗୁଁ । ଏଲ୍.ଆଇ.ସି.ର ଗୋଷ୍ଠୀ ବୀମା ବ୍ୟବସାୟ ମଧ୍ୟ ଅତ୍ୟନ୍ତ ସନ୍ତୋଷ ଜନକ । ଆମର P&GS Unit ଏଇ ଆର୍ଥିକ ବର୍ଷରେ ୮୨% ବଜାର ଅଂଶଧନ ଦଖଲ କରି ପ୍ରାୟ ୪୮,୬୮୨.୪୭ କୋଟି ଟଙ୍କାର ପ୍ରିମିୟମ୍ ଆୟ କରିଛି । ୨୦୧୩-୨୦୧୪ ଆର୍ଥିକ ବର୍ଷରେ ଏଲ୍.ଆଇ.ସି.ର ସମୁଦାୟ ପିମିୟମ ଆୟ ହୋଇଛି ଟ. ୨,୪୦,୦୪୦ କୋଟି ଏବଂ ଗତବର୍ଷ ତୁଳନାରେ ଅଭିବୃଦ୍ଧି ହାର ହୋଇଛି ୧୫.୦୮% । ଏଲ୍.ଆଇ.ସି.ର ସମୁଦାୟ ଆୟ ହୋଇଛି ଟ. ୩,୮୫,୫୦୧ କୋଟି ଯାହାକି ଗତବର୍ଷ ତୁଳନାରେ ୧୮.୧୩% ଅଧିକ ।

ବଜାର ଅଂଶଧନ କ୍ଷେତ୍ରରେ ଏଲ୍.ଆଇ.ସି. ଏହାର ପ୍ରାଧାନ୍ୟ ବୃଦ୍ଧି କରିପାରିଛି । ପ୍ରିମିୟମ ଆୟ କ୍ଷେତ୍ରରେ ଏଲ୍.ଆଇ.ସି.ର ବଜାର ଅଂଶଧନ ପ୍ରାୟ ୭୫.୩୩% ଯାହାକି ଗତ ବର୍ଷ ତୁଳନାରେ ୪% ଅଧିକ । ପଲିସି ବିକ୍ରି କ୍ଷେତ୍ରରେ ଏଲ୍.ଆଇ.ସି.ର ମାର୍କେଟ ସେୟାର ହୋଇଛି ୮୪.୪୪% ଯାହାକି ଗତବର୍ଷ ତୁଳନାରେ ୧.୨% ଅଧିକ । ଏଲ୍.ଆଇ.ସି.ର ନିକଟତମ ପ୍ରତିଦ୍ୱନ୍ଦୀ ହେଉଛି SBI - Life ଯାହାର ମାର୍କେଟ ସେୟାର ମାତ୍ର ୪.୨୪% । ତୃତୀୟ ହେଉଛି HDFC Life ଯାହାର ମାର୍କେଟ ସେୟାର ୩.୩୭% ଏବଂ ଚତୁର୍ଥ ସ୍ଥାନରେ ଅଛି ICICI - Prudential ଯାହାର ମାର୍କେଟ ସେୟାର ୩.୧୪% (ପ୍ରିମିୟମ ଆୟ କ୍ଷେତ୍ରରେ) । ଏହି ସ୍ଥିତି ସମ୍ପୂର୍ଣ୍ଣ ପରିପୁଷ୍ଟ କରୁଛି ଯେ ଏଲ୍.ଆଇ.ସି. ତାର ପ୍ରତିଦ୍ୱନ୍ଦୀମାନଙ୍କୁ ବହୁତ ପଛକୁ ଠେଲି ଦେଇ ମାର୍କେଟରେ ଆଜି ଅପ୍ରତିଦ୍ୱନ୍ଦୀ ଏବଂ ଅଦ୍ୱୀତିୟ ।

ଏଲ୍.ଆଇ.ସି.ର ଏହି ସଫଳତା ସାମଗ୍ରୀକ ଭାବେ ଦେଶର ଅର୍ଥନୈତିକ ପରସ୍ଥିତିକୁ ଆଖି ଆଗରେ ରଖି ଆଲୋଚନା କରାଯାଇ ପାରେ । ଆଜି ଆମ ଦେଶର ଅର୍ଥନୀତି ଅତ୍ୟନ୍ତ ସ୍ଥାଣୁ ଅବସ୍ଥାରେ ରହିଛି । ଆଜି ସରକାରୀ ସଂସ୍ଥାମାନଙ୍କରେ ନୂତନ ନିଯୁକ୍ତି ଖୁବ୍ ନଗଣ୍ୟ । ଘରୋଇ ସଂସ୍ଥାମାନଙ୍କର ମଜୁରୀ ଦେୟ ଅତ୍ୟନ୍ତ ନିରୁତ୍ସାହଜନକ । ଗତ କିଛି ବର୍ଷ ମଧ୍ୟରେ ଅତ୍ୟାବଶ୍ୟକୀୟ ଜିନିଷର ମୁଲ୍ୟବୃଦ୍ଧି ଲଗାତାର ଭାବେ ସାଧାରଣ ଲୋକଙ୍କ କ୍ରୟଶକ୍ତି ହ୍ରାସ କରିବା ଯୋଗୁଁ ଘରୋଇ ସଂଚୟ ହ୍ରାସ ପାଇଛି । ମୋଟ ଘରୋଇ ଉତ୍ପାଦନ (GDP)ର ଅଭିବୃଦ୍ଧି, ହ୍ରାସ ପାଇ ୪%ରେ ପହଞ୍ଚିଛି । ସାମ୍ପ୍ରତିକ ପରିସ୍ଥିତିରେ ଏଲ୍.ଆଇ.ସି. ତାର ମାର୍କେଟ ସେୟାର ୪% ବୃଦ୍ଧି ପାଇ ପ୍ରଥମ ବାର୍ଷିକ ପ୍ରିମିୟମ ଆୟରେ ୧୮% ଅଭିବୃଦ୍ଧିହାସଲ କରିବା ଏକ ବଡ଼ ଧରଣର ସଫଳତା । ବୀମା ନିୟାମକ (IRDA)ର ଆଦେଶ ବଳରେ ଏଲ୍.ଆଇ.ସି.କୁ ପ୍ରାୟ ସମସ୍ତ ଚଳନ୍ତି ପଲିସି ଗତବର୍ଷ ପ୍ରତ୍ୟାହାର କରିବାକୁ ପଡ଼ିଥିଲା । ଜାନୁଆରୀ ମାସରେ ଖୁବ୍ କମ୍ ସଂଖ୍ୟକ ପଲିସି ନୂତନ ଭାବେ ବିକ୍ରି କରିବାକୁ ଏଲ୍.ଆଇ.ସି.କୁ ଅନୁମତି ମିଳିଥିଲା । ଶତପ୍ରତିଶତ ଦାବୀ ସମାଧାନ କରି ଏଲ୍.ଆଇ.ସି. ଏଇ ବର୍ଷ ସାରା ବିଶ୍ୱରେ ଏକ ନୂତନ ରେକର୍ଡ଼ ସୃଷ୍ଟି କରିଛି । ଆମର ସମସ୍ତ ଚାଲୁରହିଥିବା ପଲିସି ସଂଖ୍ୟା ହେଉଛି ପ୍ରାୟ ୪୦ କୋଟି । ତେଣୁ ଏତେ ସଂଖ୍ୟକ ପଲିସି ସେବା ପ୍ରଦାନରେ ଆମେ ଅଦ୍ୱୀତିୟ । ଅତ୍ୟନ୍ତ କ୍ଷୋଭର ବିଷୟ ଘରୋଇ କମ୍ପାନୀମାନେ ଏଇ ସମୟ ମଧ୍ୟରେ କୌଣସି ନା କୌଣସି ବାହାନା ଦେଖାଇ ଦାବୀ ବାତିଲ୍ କରିବାରେ ବ୍ୟସ୍ତ ।

ଉପରୋକ୍ତ ପରିସଂଖ୍ୟାନରୁ ଏହା ସହଜରେ ଅନୁମେୟ ଯେ ଭାରତବାସୀ ଲଗାତର ଭାବେ ଆମ ସଂସ୍ଥା ଏଲ୍.ଆଇ.ସି. ଉପରେ ସେମାନଙ୍କ ଦୃଢ଼ ଆସ୍ଥା ସ୍ଥାପନ କରିଛି । ଏଇ ଅତୁଟ ଆସ୍ଥା ଓ ବିଶ୍ୱାସ ଗୋଟିଏ ରାତିରେ ତିଆରି ହୋଇଛି । ଆଜି ଏଲ୍.ଆଇ.ସି. ନିଜସ୍ୱ ବ୍ରାଣ୍ଡ ସୃଷ୍ଟି କରିଛି କର୍ମଚାରୀମାନଙ୍କ ଅକ୍ଲାନ୍ତ ଓ ନିରବଚ୍ଛିନ୍ନ ପରିଶ୍ରମ, ନିଷ୍ଠା ଓ କର୍ତ୍ତବ୍ୟ ଫଳରେ । ତେଣୁ ୨୩ଟି ଘରୋଇ କମ୍ପାନୀମାନଙ୍କୁ ପଛକୁ ଠେଲି ଦିଆଯାଇପାରିଛି କେବଳ ଆମର ଉତ୍ତମ ବୀମାସେବା ଯୋଗୁଁ । ବିତ୍ତମନ୍ତ୍ରୀ (ଉପାସରକାର ଅମଳରେ) ଶ୍ରୀଯୁକ୍ତ ପି. ଚିଦାମ୍ବରମ ମଧ୍ୟ ଏଲ୍.ଆଇ.ସି.ର ଏଇ ସଫଳତାକୁ ଅତ୍ୟନ୍ତ ପ୍ରଶଂସା କରିଥିଲେ ଏବଂ ରାଷ୍ଟ୍ର ନିର୍ମାଣରେ ଆମର ଭୂମିକାକୁ ସର୍ବଶ୍ରେଷ୍ଠ ବୋଲି ଆଖ୍ୟା କରିଥିଲେ । **ପଞ୍ଚବାର୍ଷିକ ଯୋଜନା ଆରମ୍ଭରୁ ୧୧ତମ ଯୋଜନା ପର୍ଯ୍ୟନ୍ତ ଏଲ୍.ଆଇ.ସି. ରାଷ୍ଟ୍ର ନିର୍ମାଣରେ ପ୍ରାୟ ଟ. ୧୩,୫୧,୦୦୬ କୋଟି ଟଙ୍କା ବିନିଯୋଗ କରିଛି । ଦ୍ୱାଦଶ ପଞ୍ଚବାର୍ଷିକୀ ଯୋଜନାରେ (୨୦୧୨-୧୩) ପ୍ରାୟ ୧,୮୩,୯୮୮ କୋଟି ଟଙ୍କା ୨୦୧୩ ମାର୍ଚ୍ଚ ମାସ ସୁଦ୍ଧା ଦେଇସାରିଛି । ମାତ୍ର ଘରୋଇ କମ୍ପାନୀମାନେ ଦେଶର ଭିତ୍ତିଭୂମି ବିକାଶରେ ଟଙ୍କାଟିଏ ବି ଲଗେଇନାହାନ୍ତି । କାରଣ ସେମାନେ ଆମ ବୀମା ବାବଦ ସଞ୍ଚୟ ରାଶିକୁ ହଡ଼ପ କରିବା ସହିତ ଲାଭ ଉଦ୍ଦ୍ୟେଶରେ ଏ କ୍ଷେତ୍ରକୁ ଆସିଛନ୍ତି । ଦୁଃଖର ବିଷୟ ଏହା ଜାଣି ଶୁଣି ସରକାର ସେମାନଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି ।**

ସେଇଭଳି ସାଧାରଣ ବୀମା ଶିଳ୍ପରେ ୪ଟି ଯାକ ରାଷ୍ଟ୍ରାୟତ୍ତ କମ୍ପାନୀ ମିଳିତ ଭାବେ ୨୦୧୩-୧୪ ଆର୍ଥିକ ବର୍ଷରେ ଟ. ୩୮,୬୦୪.୪୪ କୋଟିର ପ୍ରିମିୟମ ଆୟ କରି ବିଗତ ବର୍ଷ ତୁଳନାରେ ୧୦.୨୬% ଅଭିବୃଦ୍ଧି ହାସଲ କରି ସାରା ବିଶ୍ୱରେ ରେକର୍ଡ଼ ସୃଷ୍ଟି କରିଛନ୍ତି । ଯଦିଓ ସାଧାରଣ ବୀମା କ୍ଷେତ୍ରରେ ୨୨ଟି ଘରୋଇ କମ୍ପାନୀ ଆଜି ଭାରବର୍ଷରେ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ତଥାପି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀମାନଙ୍କର ବଜାର ଅଂଶଧନ ହୋଇଛି ୫୪.୬୮% । ଇଉନାଇଟେଡ଼ ଇଣ୍ଡିଆ, ନିଉ ଇଣ୍ଡିଆ ଏବଂ ଓରିଏଣ୍ଟାଲ୍ ଇନ୍ସଓରେନ୍ସ୍ କମ୍ପାନୀ ୨୦୧୩-୧୪ ଆର୍ଥିକ ବର୍ଷରେ ମିଳିତ ଭାବେ ୨୫୮୮.୨୧ କୋଟି ଟଙ୍କାର ଲାଭ କରିଛନ୍ତି । ସରକାରଙ୍କୁ ଏମାନେ ଲାଭାଂଶ ବାବଦରେ ୪୩୪ କୋଟି ଟଙ୍କା ଦେବାକୁ ଯାଉଛନ୍ତି ଯାହାକି ଗତବର୍ଷ ତୁଳନାରେ ୫୧.୫୦ କୋଟି ଟଙ୍କା ଅଧିକ ।

ମାତ୍ର ସରକାର ଆଜି ରାଷ୍ଟ୍ରାୟତ୍ତ ବୀମା ଶିଳ୍ପକୁ ଧ୍ୱଂସ କରିବା ପାଇଁ ସମସ୍ତ ଷଡ଼ଯନ୍ତ୍ର କରୁଛନ୍ତି । ସଂସଦରେ ବୀମା ପ୍ରାଧୀକରଣ ବିଲ୍ ଲଟକିଛି ଯାହାର ମୂଳ ଉଦ୍ଦେଶ୍ୟ ହେଲା ଲୋକମାନଙ୍କର ସଂଚୟ ଉପରେ ଘରୋଇ ମାଲିକାନା ଜାହିର୍ କରି ରାଷ୍ଟ୍ରାୟତ୍ତ ବୀମା ଶିଳ୍ପକୁ ଦୁର୍ବଳ କରିବା ।

ଏହା ବିରୁଦ୍ଧରେ ଜନସଚେତନତା ସୃଷ୍ଟି କରିବା ନିହାତି ଆବଶ୍ୟକ ।

Printed & Published by **Golak Bihari Maharaj**, C/o. - LICI , D.O. , Cuttack - 1 for Bima Karmachari
at Bani Press , Cuttack - 8 , Editor - **Santosh Kumar Mohapatra, Mob. : 9437208762, E-mail :skmohapatra67@gmail.com**